## ସଂକ୍ଷେପରେ

### ଯୁବତୀଙ୍କୁ ବଳାତ୍କାର ଅଭିଯୋଗ,ଅଭିଯୁକ୍ତ ଗିରଫ

ପାଣିକୋଇଲି,୧୨।୮(ବିକାଶ କୁମାର ମଲିକ): ପାଣିକୋଇଲି ଥାନା ତଥା ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ଖମଣ ପଞ୍ଚାୟତ ନାହାନ୍ଦା ଗ୍ରାମରେ ଘରେ କେହି ନ ଥିବା ସମୟରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି । ଏନେଇ ଯୁବତୀଙ୍କ ବାପା ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଅଭିଯୋଗକାରୀ ରବିବାର ସକାଳେ ଚାଷ କାମ ପାଇଁ ବିଲକୁ ଯାଇଥିଲେ । ତାଙ୍କ ସ୍ତ୍ରୀ ବାପ ଘରକୁ ଯାଇଥିଲେ । ପୁଅ ସ୍କୁଲକୁ ଯାଇଥିଲେ । ଘରେ ଝିଅ ଏକୁଟିଆ ଥିଲେ । ଏହାର ସୁଯୋଗ ନେଇ ଗ୍ରାମର ରାମଚନ୍ଦ୍ର ପାଣିଗ୍ରାହୀ ତାଙ୍କ ଘରେ ପଶି ଝିଅକୁ ବଳାତ୍କାର କରି ଫେରାର ହୋଇଯାଇଥିଲେ । ଏ ସଂକ୍ରାନ୍ତରେ ଝିଅ ଫୋନ୍ କରି ବାପାଙ୍କୁ ଜଣାଇବା ପରେ ସେ ବିଲରୁ ଫେରି ସବୁ କଥା ଶୁଣିଥିଲେ। ଏ ସଂକ୍ରାନ୍ତରେ ଥାନାରେ ମାମଲା ରୁଜୁ ହୋଇଛି । ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି ।

### ଏଆଇଏମ୍ଏସ୍ଏସ୍ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

ଯାଜପୁର ଟାଉନ,୧୨।୮ (ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି): ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍ଏସ୍ଏସ୍) ପକ୍ଷରୁ ସୋମବାର ଯାଜପୁର ଜିଲା କମିଟିର ପକ୍ଷରୁ ଏକ ଦାବିପତ୍ର ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି । କୋଲକତା ମେଡିକାଲ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣା ପ୍ରତିବାଦରେ ଏହି ସଙ୍ଗଠନ ଦୃଢ଼ ନିନ୍ଦା କରିଛି। ଏହି ଘଟଣା ଆମ ଦେଶର ସମଗ୍ର ନାରୀ ସମାଜ ପାଇଁ ସଙ୍କଟ ଜନକ ପରିସ୍ଥିତି ସୃଷ୍ଟି କରିଛି । ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ ସହିତ ଡାକ୍ତର, ନର୍ସ, କର୍ମଚାରୀ ଓ ରୋଗୀମାନଙ୍କ ନିମନ୍ତେ ଯଥେଷ୍ଟ ନିରାପତ୍ତା ଯୋଗାଇ ଯୋଗାଇବା ପାଇଁ ଅନୁଷ୍ଠାନର ଜିଲା ସଭାପତି ସୁଲୋଚନା ପ୍ରଧାନଙ୍କ ସମେତ ସମ୍ପାଦିକା ତରଙ୍ଗିଣୀ ଦାସ ଓ ସହ ସମ୍ପାଦିକ ମାଧବୀ ମଲିକ, ମମତା ସେଠୀ, ଲବଙ୍ଗଲତା ଜେନା ପ୍ରମୁଖ ଦାବି କରିଛନ୍ତି ।

### ଜାତୀୟ ସନ୍ତାନ, ସନ୍ତତି ଦିବସ ପାଳିତ

ଛତିଆ,୧୨।୮(ସୌମ୍ୟ ରଞ୍ଜନ ସାହୁ ): ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଜାତୀୟ ସନ୍ତାନ ସନ୍ତତି ଦିବସ ପିପି ଇଣ୍ଟରନ୍ୟାଶନାଲ ସ୍କୁଲ ପରିସରରେ ଦେଶ ପ୍ରେମୀ ରାଷ୍ଟ୍ରୀୟ ସ୍ୱୟଂ ସେବକ, ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଉପସ୍ଥିତରେ ପାଳିତ ହୋଇଯାଇଛି। ଭାରତମାତାର ଯୋଗ୍ୟ ସନ୍ତାନସନ୍ତତିଙ୍କ ନିରାମୟ ଜୀବନ ପାଇଁ ଜଗନ୍ନାଥଙ୍କ ନିକଟରେ ସମୂହ ପ୍ରାର୍ଥନା କରାଯାଇଥିଲା। ସାମାଜିକ କର୍ମୀ ଅବିନାଶ ମିଶ୍ର ବସୁଧୈୟବ କୁଟୁମ୍ବକମ୍‌ର ବାର୍ତ୍ତା ଦେଇ ଜାତୀୟ କୃତୀ ସନ୍ତାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସର୍ବେଶ କୁମାର ସେଣ୍ଡ, ବିଭାଗ ପ୍ରମୁଖ ଅରବିନ୍ଦ ସେଣ୍ଡ, ସ୍ୱୟଂ ସେବକ ସରୋଜ କୁମାର ସିଂ, ସ୍ୱୟଂ ସେବକ ଜିତେନ୍ଦ୍ର ସାହୁ, ବିଶ୍ୱ ହିନ୍ଦୁ ପରିଷଦ ସହ ସମ୍ପାଦକ ସୁଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

### ଅମରେଶ୍ୱରଙ୍କ ପୀଠରେ ଜଳାଭିଷେକ କଲେ ଶତାଧିକ କୁନି କାଉଡ଼ିଆ

ଛତିଆ,୧୨।୮(ସୌମ୍ୟ ରଞ୍ଜନ ସାହୁ )

ପବିତ୍ର ଶ୍ରାବଣ ମାସ ଚତୁର୍ଥ ସୋମବାରରେ ବଡ଼ଚଣା ଅଞ୍ଚଳର ବିଭିନ୍ନ ଶୈବପୀଠରେ କାଉଡିଆଙ୍କ ଭିଡ଼ ଲାଗି ରହିଥିଲା । ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଥିବା ମାଳିକା ବର୍ଣ୍ଣିତ ବାବା ଅମରେଶ୍ୱରଙ୍କ ପୀଠରେ ସୋମବାର ପ୍ରତ୍ୟୁଷରୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା । ଏହି ଅବସରରେ ବାବାଙ୍କ ପୀଠରେ ଶତାଧିକ କୁନି କାଉଡିଆ ଜଳାଭିଷେକ କରିବା ଲାଗି ମାହାଙ୍ଗା ବ୍ଲକ କଇଥା ପଞ୍ଚାୟତର ଛେଦା ଗେଙ୍ଗୁଟି ନଦୀଘାଟରୁ ଜଳ ଉଠାଇ ଥିଲେ । ସେମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ଜୟ ଶିବ ଶଙ୍କର ଧ୍ୱନୀ ଦେଇ ଅମରେଶ୍ୱରଙ୍କ ପୀଠରେ ଜଳ ଲାଗି କରିଥିଲେ । ଏଥିରେ ବିଭିନ୍ନ ଅଞ୍ଚଳର ବ୍ରତଧାରୀମାନେ ସାମିଲ ହୋଇଥିଲେ ।

# ଅନିୟମିତତାକୁ ଚାପି ଦେବାକୁ ଉଦ୍ୟମ

**ମିଶନ ଶକ୍ତି ଟଙ୍କା ହେରଫେର ଘଟଣା**

- ୧୦ମାସର ଦରମା ପାଇଁ ଜିଲାପାଳଙ୍କୁ ଭେଟିଲେ ଶତାଧିକ ମହିଳା
- ବ୍ଲକ୍ ପ୍ରଶାସନ ନୀରବ ପରେ ବିବାଦ ତେଜୁଛି




କାଏମା,୧୨।୮(ଶିବ ପ୍ରସାଦ ମହାନ୍ତି): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କଏମା ପଞ୍ଚାୟତ ମିଶନ ଶକ୍ତି ମହାସଂଘରୁ ଲକ୍ଷାଧିକ ଟଙ୍କା ଅନିୟମିତତା ଘଟଣାରେ ଧର୍ମଶାଳା ବ୍ଲକ ପ୍ରଶାସନର କାର୍ଯ୍ୟକୁ ନେଇ ପ୍ରଶ୍ନ ଉଠୁଛି। ଲକ୍ଷାଧିକ ଟଙ୍କା ହେରଫେର ହୋଇଥିଲେ ବି ବ୍ଲକ ପ୍ରଶାସନ ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଏହାକୁ ଆଧାର କରି ମିଶନ ଶକ୍ତି ଅଧୀନରେ ଥିବା ଶତାଧିକ ମହିଳା ଶୁକ୍ରବାର ଜିଲାପାଳଙ୍କୁ ଭେଟି ୧୦ମାସର ଦରମା କିପରି ଶୀଘ୍ର ପାଇବେ ଏଥିପାଇଁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

ସୂଚନା ଅନୁଯାୟୀ, ୨୦୨୩ ସେପ୍ଟେମ୍ବରରୁ କାଏମା ମିଶନ ଶକ୍ତି ଅଧୀନରେ ଥିବା ମହାସଂଘର ସିଆରପି, ଇସି, ବ୍ୟାଙ୍କମିତ୍ର ୧୦ମାସ ହେବ ଦରମା ନ ପାଇବାରୁ ଏ ସଂକ୍ରାନ୍ତରେ ବ୍ଲକ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସେମାନେ ବ୍ଲକ ପ୍ରଶାସନଙ୍କଠାରୁ ଜାଣିବାକୁ ପାଇଥିଲେ ମହାସଂଘର କୌଣସି ଖାତାରେ ଟଙ୍କା ନାହିଁ। ମହାସଂଘ ଖାତାରେ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ରହିବା କଥା କିନ୍ତୁ ଟଙ୍କା ନ ଥିବା ଘଟଣା ଜାଣିବା ପରେ ଏଥିରେ ଅନିୟମିତତା ହୋଇଥିବା ସନ୍ଦେହ ସୃଷ୍ଟି ହୋଇଥିଲା । ପରେ ସିଆରପି, ବ୍ୟାଙ୍କମିତ୍ର ଓ ଇସିମାନେ ସଭାପତି ବିଦ୍ୟୁଲତା ବିଶ୍ୱାଳ, ଏମ୍‌ବିକେ ମୁକ୍ତାରାଣୀ ନାୟକ ଓ ସମ୍ପାଦକ ଦମୟନ୍ତୀ ଜେନାଙ୍କ ନାମରେ ଥାନାରେ ଏତଲା ଦେବା ସହ ବ୍ଲକ କାର୍ଯ୍ୟାଳୟରେ ଲିଖିତ ଭାବେ ଜଣାଇଥିଲେ। ବ୍ଲକ ପ୍ରଶାସନ ପକ୍ଷରୁ ସଭାପତି, ତାଙ୍କ ସମ୍ପର୍କୀୟ ଏବଂ ଏମ୍‌ବିକେ ଓ ତାଙ୍କ ସମ୍ପର୍କୀୟଙ୍କ ଖାତାକୁ ଟଙ୍କା ଯାଇଥିବା ଜଣାପଡିଥିଲା। ଫଳରେ ୪ଜଣଙ୍କ ନାମରେ ଏତଲା ଦିଆଯାଇଥିଲା। ଏମ୍‌ବିକେ, ସଭାପତି ଓ ସମ୍ପାଦକଙ୍କୁ ନୋଟିସ କରାଯିବା ସହ ସିଆରପି, ବ୍ୟାଙ୍କମିତ୍ର ଓ ଇସିଙ୍କୁ କିଛି ଟଙ୍କା ଦେଇ ଏହି ଦୁର୍ନୀତିକୁ ଚାପି ଦେବାକୁ ପ୍ରୟାସ କରାଯାଇଥିଲା । କିନ୍ତୁ ଏହି ପ୍ରସ୍ତାବରେ କେହି ରାଜି ନ ହେବାରୁ କଥା ପଦାକୁ ଆସିଥିଲା। ଏହାପରେ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରିୟଦର୍ଶୀ ଦାସ, ବିଏଲସି ଇତିଶ୍ରୀ ସାହୁ ଓ ଅନ୍ୟ ଅଧିକାରୀମାନେ ପହଞ୍ଚି କାଗଜପତ୍ର ଯାଞ୍ଚ କରି ମିଶନ ଶକ୍ତି ଗୃହକୁ ସିଲ୍ କରିଥିଲେ । ସେଠାରୁ ସଭାପତି ବିଦ୍ୟୁଲତାଙ୍କୁ ପୋଲିସ ଗିରଫ କରିବାରେ ସକ୍ଷମ ହୋଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଅନ୍ୟମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି । ଅନ୍ୟପକ୍ଷେ ମହାସଂଘ ଖାତାରୁ ଟଙ୍କା ଉଠାଇବା ପାଇଁ ବିଏଲ୍‌ସି, ଏମ୍‌ବିକେ ସଭାପତି, ସମ୍ପାଦକ ୪ ଜଣଙ୍କ ଆବଶ୍ୟକ ଥିବା ବେଳେ ଏମାନଙ୍କ ଅଜାଣତରେ ଟଙ୍କା ଉଠିବା କିପରି ସମ୍ଭବ ହୋଇପାରିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ବିଏଲସି ଓ ସମ୍ପାଦକଙ୍କୁ ତଦନ୍ତ ପରିସରଭୁକ୍ତ କ'ଣ ପାଇଁ କରାଯାଇ ନାହିଁ ତାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଯଦି ଧର୍ମଶାଳା ବ୍ଲକର ଗୋଟାଏ ପଞ୍ଚାୟତରେ ମହାସଂଘ ବ୍ୟାଙ୍କ ଖାତାରୁ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ ହୋଇଛି ଅନ୍ୟ ୪୪ ପଞ୍ଚାୟତର ସ୍ଥିତିକୁ ନେଇ ପ୍ରଶ୍ନ ଉଠୁଛି। ଏହି ଅନିୟମିତତା ବିଷୟରେ ଶତାଧିକ ମହିଳା ଜିଲାପାଳ ଓ ଏଡିଏମ୍‌ଙ୍କୁ ଭେଟି ଅବଗତ କରାଇଛନ୍ତି। ଏ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର ଧରିଛି । ବ୍ଲକ ପ୍ରଶାସନ ନୀରବ ରହିଥିବାରୁ ଅସନ୍ତୋଷ ବଢ଼ି ଚାଲିଛି ।

## ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ

କାଏମା,୧୨।୮(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ବଡ଼କାଏମା ପଞ୍ଚାୟତ ଜାରକା-କାଏମା ରାସ୍ତାପାର୍ଶ୍ୱ ପେଟ୍ରୋଲ ପମ୍ପ ନିକଟରେ ଥିବା ଏସ୍‌ବିଆଇ ଏଟିଏମ୍‌କୁ କେହି ଦୁର୍ବୃତ୍ତ ଭାଙ୍ଗି ଲୁଟ୍ ଉଦ୍ୟମ କରିଥିଲେ । ହେଲେ ସେଥିରେ ସେମାନେ ବିଫଳ ହୋଇଥିବା ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି। ସୋମବାର ସକାଳୁ ସ୍ଥାନୀୟ ଜଣେ ବ୍ୟକ୍ତି ଟଙ୍କା ଉଠାଇବା ପାଇଁ ଯିବା ସମୟରେ ଏଟିଏମ୍ ଭାଙ୍ଗିଥିବା ଦେଖିବାକୁ ପାଇଥିଲେ । ଏହି ଘଟଣା ସମ୍ପର୍କରେ ସେ ଜାରକା ଏସ୍‌ବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷ ଓ ପୋଲିସକୁ ଜଣାଇଥିଲେ । ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ପହଞ୍ଚି ମେଶିନର ସ୍ଥିତି ଅନୁଧ୍ୟାନ କରିଥିଲେ। ଏଟିଏମ୍‌ରେ ଟଙ୍କା ସୁରକ୍ଷିତ ରହିଛି। ଏହି ମେଶିନ୍‌ଟି ଜାରକା ଏସ୍‌ବିଆଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ଅଧୀନରେ ନାହିଁ ।



ଏକ ଘରୋଇ କମ୍ପାନୀ ଦାୟିତ୍ୱରେ ଏହି ଏଟିଏମ୍ ରହିଛି ବୋଲି ଜାରକା ଏସ୍‌ବିଆଇ ଶାଖା ପ୍ରବନ୍ଧକ ସସ୍ମିତା ମଲିକ ସୂଚନା ଦେଇଛନ୍ତି। ସେହିପରି ଏଟିଏମ୍‌ଠାରୁ ଅଳ୍ପ ଦୂରରେ ଥିବା ଏକ ଟ୍ରକ୍ କାଚ ଭାଙ୍ଗି କିଛି ଜିନିଷପତ୍ର ଚୋରି ହୋଇଥିବା ଅଭିଯୋଗ ହୋଇଛି। ରବିବାର ବିଳମ୍ବିତ ରାତିରେ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଥିଲା । ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା । ଏହି ସୁଯୋଗରେ ଦୁର୍ବୃତ୍ତମାନେ ଏଭଳି କାର୍ଯ୍ୟ କରିଥିବା ସ୍ଥାନୀୟ ଲୋକେ କହିଛନ୍ତି।

## ଧର୍ମଶାଳା ମହାବିଦ୍ୟାଳୟରେ ପ୍ରଶିକ୍ଷଣ ଶିବିର




ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ଛାତ୍ରୀଛାତ୍ର ।

କାଏମା,୧୨।୮(ଶିବପ୍ରସାଦ ମହାନ୍ତି): ଧର୍ମଶାଳା ମହାବିଦ୍ୟାଳୟରେ ଓଡ଼ିଶା ନଲେଜ କର୍ପୋରେଶନ ଲିମିଟେଡ୍ ତରଫରୁ ସୋମବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜାରକାସ୍ଥିତ ଓକେସିଏଲର ମୁଖ୍ୟ ଅଜିତ କୁମାର ମଳିକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷ ସ୍ୱରୂପାନନ୍ଦ ପଣ୍ଡା, ମୁଖ୍ୟବକ୍ତା ଭାବେ ଓକେସିଏଲର ରାଜ୍ୟ ସଂଯୋଜକ ପ୍ରଦୀପ କୁମାର ଜେନା, ଜିଲା ସଂଯୋଜକ ସନ୍ଦୀପ ନାୟକ ଓ ସମ୍ମାନିତ ଅତିଥି ଭାବେ ମାନବ ଅଧିକାର ସଙ୍ଗଠନ ଜିଲା ସଭାପତି ନାରାୟଣ ମଲିକ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ କମ୍ପ୍ୟୁଟରର ଆଧୁନିକ ଜ୍ଞାନ କୌଶଳ ବିଷୟରେ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ପାଣିକୋଇଲିରେ ସିରିଜ୍ ଦୁର୍ଘଟଣା, ଚାଳକ ଗୁରୁତର

ପାଣିକୋଇଲି,୧୨।୮ (ବିକାଶ କୁମାର ମଲିକ): ଯାଜପୁର ଜିଲା ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନଂ.ଜାତୀୟ ରାଜପଥର କାଙ୍କଲା ଗଡାଣୀ ନିକଟରେ ରବିବାର ବିଳମ୍ବିତ ରାତିରେ ସିରିଜ ଦୁର୍ଘଟଣା ଘଟିଛି । ଏକ ଷଣ୍ଢକୁ ବଞ୍ଚାଇବାକୁ ଯାଇ ୩ ଗାଡ଼ି ମଧ୍ୟରେ ପଛକୁ ପଛ ଧକ୍କା ହୋଇଥିଲା । ଏଥିରେ ମଝି ଗାଡ଼ିର ଚାଳକ ଗୁରୁତର ହୋଇଛନ୍ତି । ତାଙ୍କୁ ଯାଜପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

ସୂଚନା ଅନୁଯାୟୀ, ରବିବାର ରାତିରେ ଏକ ହାଇୱା ପାଣିକୋଇଲି ପଟୁ କଟକ ଅଭିମୁଖେ ଯାଉଥିଲା । ଏକ ଷଣ୍ଢ ହଠାତ୍ ରାସ୍ତା ଉପରକୁ ଚାଲି ଆସିବାରୁ ହାଇୱା ଚାଳକ ହଠାତ୍ ବ୍ରେକ୍ ମାରିଥିଲେ । ଫଳରେ ପଛ ଥିବା ଏକ ଟ୍ରକ୍ ହାଇୱାକୁ ଧକ୍କା ଦେଇଥିଲା । ଉକ୍ତ ଟ୍ରକର ଚାଳକ ଗୁରୁତର ହୋଇଥିଲେ । ଆହତ ଚାଳକ ଗାଡ଼ିରେ ଲାଖି ରହିଥିଲେ । ତାଙ୍କୁ ବହୁ କଷ୍ଟରେ ଉଦ୍ଧାର କରାଯାଇ ଡାକ୍ତରଖାନା ପଠାଯାଇଥିଲା । ପଛରେ ଥିବା ଏକ କାର ବି ଟ୍ରକ୍ ପଛରେ ପିଟି ହୋଇ କ୍ଷତିଗ୍ରସ୍ତ ହୋଇଥିଲା । କାର କିଛି ଅଂଶ ଭାଙ୍ଗି ଯାଇଥିଲେ ବି ଚାଳକ କାର ନେଇ ଚାଲି ଯାଇଥିଲେ । ଖବର ପାଇ ଆମେ ଆପଣଙ୍କ ପାଇଁ ହେଲପିଂ ଗ୍ରୁପର ସଦସ୍ୟମାନେ ସେଠାରେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିଲେ। ପାଣିକୋଇଲି ପୋଲିସ ୨ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି । ଦୁର୍ଘଟଣା ଫଳରେ ରାଜପଥର ଗୋଟିଏ ପାର୍ଶ୍ୱରେ ଗାଡ଼ି ଚଳାଚଳ କିଛି ସମୟ ପାଇଁ ବନ୍ଦ ରହିଥିଲା । ଥାନାଧିକାରୀ ରଞ୍ଜନ କୁମାର ପ୍ରଧାନ, ସବ୍‌ଇନ୍‌ସପେକ୍ଟର ପ୍ରକାଶ ପ୍ରଧାନ ସଦଳବଳେ ପହଞ୍ଚି ଗାଡ଼ି ଚଳଚଳ ସ୍ୱାଭାବିକ କରାଇଥିଲେ ।




ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ।

## ଧର୍ମଶାଳା ପ୍ରାଥମିକ ଶିକ୍ଷକ ସଂଘର ନୂତନ କର୍ମକର୍ତ୍ତା

ଧର୍ମଶାଳା,୧୨।୮(ବଟକୃଷ୍ଣ ପରିଡ଼ା): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ସୋମବାର ଧର୍ମଶାଳା ଶାଖାର ସାମ୍ବିଧାନିକ ନିର୍ବାଚନୀ ସଭା ଜାରକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ମଣ୍ଡଳ ସଭାପତି ଯୁଗଳ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଜିଲା ସଂଘ ଉପସଭାପତି ଦେବରାଜ ମିଶ୍ର ଯୋଗଦେଇ ନିର୍ବାଚନ ପରିଚାଳନା କରିଥିଲେ । ଧର୍ମଶାଳା ମଣ୍ଡଳ ଶାଖାର ସଭାପତି ଭାବେ ଆର୍ତ୍ତତ୍ରାଣ ସେଠୀ, ଉପସଭାପତି ଭାବେ ନିବେଦିତା ପରିଡ଼ା ଓ ଅଭିମନ୍ୟୁ ମଲିକ, ସାଧାରଣ ସମ୍ପାଦକ ବ୍ରଜ କିଶୋର ପଣ୍ଡା, ସହ ସମ୍ପାଦକ ଗୌରୀ ସାହୁ, ଦୟାନିଧି ବିଶ୍ୱାଳ ଓ ସେକ ସମସୁଦ୍ଧିନ, କୋଷାଧ୍ୟକ୍ଷ ସୁବୋଧ କୁମାର ପାତ୍ର, ବ୍ଲକ ସଂଯୋଜକ ଭାବେ ନରେନ୍ଦ୍ର କୁମାର ବେହେରା ନିର୍ବାଚିତ ହୋଇଥିଲେ । ଉପଦେଷ୍ଟା ମଣ୍ଡଳୀରେ ଯୁଗଳ କିଶୋର ଦାସ, ମନୋଜ କୁମାର ରଣା, ଅକ୍ଷୟ କୁମାର ଦାସ, ମାମିନା ନାୟକ ଓ ସୁଧିର କୁମାର କରଙ୍କୁ ମନୋନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ରବିନ୍ଦ୍ର ପ୍ରସାଦ ମିଶ୍ର, ନଳିନୀକାନ୍ତ ମାହାଣା, ବିଷ୍ଣୁ ଚରଣ ସେଠୀ, ପ୍ରଦୀପ୍ତ କିଶୋର ରାଉତ, ଛବି ମଲିକ, ରମେଶ ଚନ୍ଦ୍ର ସ୍ୱାଇଁ, ରାଧାଶ୍ୟାମ ବାରିକ, ମଳୟ କୁମାର ଜେନା, ପ୍ରଦୀପ୍ତ କୁମାର ଜେନା, ଅଭୟ କୁମାର ତ୍ରିପାଠୀ ପ୍ରମୁଖ ପରିଚାଳନା କରିଥିଲେ । ରମେଶ ଚନ୍ଦ୍ର ବାରିକ ଧନ୍ୟବାଦ ଦେଇଥିଲେ ।

## ଜଗନ୍ନାଥ ମନ୍ଦିର ନିକଟରୁ ଜବରଦଖଲ ହଟିଲା



ଚଣ୍ଡିଖୋଲ,୧୨।୮(ପ୍ରଦୀପ୍ତ କୁମାର ପୃଷ୍ଟି): ବଡ଼ଚଣା-ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ ଓ ପ୍ରଶସ୍ତୀକରଣ କାର୍ଯ୍ୟ ଜବରଦଖଲକାରୀଙ୍କ ଯୋଗୁ ବାଧାପ୍ରାପ୍ତ ହୋଇଥିଲା। ଦର୍ପଣ ତହସିଲ ଅଧୀନ ବାଲିଚନ୍ଦ୍ରପୁର ଜଗନ୍ନାଥ ମନ୍ଦିର ପାର୍ଶ୍ୱରେ ଦୋକାନ ଗୃହ କରିଥିବା ଜବରଦଖଲକାରୀଙ୍କୁ ତୁରନ୍ତ ଜାଗା ଛାଡି ଚାଲିଯିବାକୁ ଦର୍ପଣ ତହସିଲଦାର ୭ ଦିନିଆ ନୋଟିସ ଜାରି କରିଥିଲେ। ଇତିମଧ୍ୟରେ ୭ ଦିନ ଶେଷ ହୋଇଯିବାରୁ ପୂର୍ତ୍ତ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସମେତ ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ସୋମବାର ଉପସ୍ଥିତ ରହି ମେଶିନ ଲଗାଇ ଜବରଦଖଲ ହଟାଇଛନ୍ତି। ଏହି ଜବରଦଖଲ ହଟିବା ପରେ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି । ଜବରଦଖଲ ଯୋଗୁ ବଜାର ମଧ ଦେଇ କୌଣସି ଜରୁରୀ ଗାଡ଼ି ଯଥା ଅଗ୍ନିଶମ ଓ ଆମ୍ବୁଲାନ୍ସ ଯିବା ଆସିବାରେ ସମସ୍ୟା ସୃଷ୍ଟି ହେଉଥିଲା। ଜବରଦଖଲ ହଟାଇବା ବେଳେ ବାଲିଚନ୍ଦ୍ରପୁର ଥାନା ଆରକ୍ଷୀ ନିରକ୍ଷକ ସମରଜିତ ନାୟକଙ୍କ ସମେତ ଦର୍ପଣ ଅତିରିକ୍ତ ତହସିଲଦାର, ପୂର୍ତ୍ତବିଭାଗ ଉପଖଣ୍ଡ ଅଧିକାରୀ ତପନ କୁମାର ସେଠୀ, କନିଷ୍ଠ ଯନ୍ତ୍ରୀ ପାର୍ଥ ସାରଥି ରାୟଗୁରୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଯୋରରେ ଭାସୁଥିବା ଯୁବକଙ୍କ ମୃତଦେହ ଜବତ

ଧର୍ମଶାଳା,୧୨।୮(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅନ୍ତର୍ଗତ ରାଂଶାଳ ଜୋର ନିକଟରୁ ପୋଲିସ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ କରିଛି। ନେଉଳପୁର ପଞ୍ଚାୟତ ରାଂଶାଳ ଜୋରରେ ଏକ ମୃତଦେହ ଭାସୁଥିବା ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ । ଧର୍ମଶାଳା ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା(ନଂ.୧୮/୨୪) ରୁଜୁ କରିଛି। ମୃତ ଯୁବକଙ୍କ ପରିଚୟ ମିଳି ନାହିଁ । ବର୍ଷା ପାଣିରେ ମୃତଦେହଟି ଉପରମୁଣ୍ଡରୁ ଭାସିଆସି ଏଠାରେ ଲାଗିଯାଇଥିବା ପୋଲିସ ଅନୁମାନ କରୁଛି । ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି ବୋଲି ତଦନ୍ତକାରୀ ଏସ୍‌ଆଇ ଜହର ଅବେଦିନ ସୂଚନା ଦେଇଛନ୍ତି ।

## କରଞ୍ଜିଆ ନାଳ ଜଳ ପ୍ରଦୂଷିତ, ଗ୍ରାମବାସୀ ଆତଙ୍କିତ



ବିଞ୍ଝାରପୁର,୧୨।୮(ରାମକୃଷ୍ଣ ଦାସ): ବିଞ୍ଝାରପୁର ବରପଦା ପଞ୍ଚାୟତ ରାମଚନ୍ଦ୍ରପୁର ଦେଇ ବହିଯାଇ ଥିବା କରଞ୍ଜିଆ ନାଳର ପାଣି ପ୍ରଦୂଷିତ ହୋଇଛି। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । କରଞ୍ଜିଆ ନାଳକୁ ଦୂଷିତ ପାଣି କେଉଁଠୁ ଆସୁଛି ତାହା ଜଣା ପଡିନାହିଁ । ଏହି କଳାରଙ୍ଗର ପାଣି ଯୋଗୁ ମାଛ ମଡ଼କ ସହ ଚାଷଜମିକୁ ଏହି ପାଣି ମାଡୁଥିବାରୁ ଧାନ ଫସଲ କ୍ଷତିଗ୍ରସ୍ତ ହେବ ବୋଲି ସ୍ଥାନୀୟ ଚାଷୀ କରୁଣାକର ଦାସ, ନାରାୟଣ ଚନ୍ଦ୍ର ଦାସ, ନବ କିଶୋର ପରିଡ଼ା ଏବଂ ନକୁଳ ନାୟକ ଅଭିଯୋଗ କରିଛନ୍ତି। ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ ବରପଦା ପଞ୍ଚାୟତର ରାମଚନ୍ଦ୍ରପୁର ଅଞ୍ଚଳରେ ରବିବାର ଠାରୁ କଳା ରଙ୍ଗର ପାଣି ଆସୁଛି । ଚାଷୀଙ୍କ କହିବା କଥା ରଥଖର୍ଦ୍ଧା ପୋଲର ସ୍ଲୁଇଚ୍ ଗେଟ୍ ଖୋଲା ହେବା ପରେ ଏହି ପାଣି କରଞ୍ଜିଆ ନାଳକୁ ପ୍ରବେଶ କରିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ପାଣିରେ ତୈଳ ଭଳି କିଛି ପଦାର୍ଥ ଭାସୁଛି ଓ ସେଥିରୁ ଦୁର୍ଗନ୍ଧ ବାହାରୁଛି। ଏହି ପାଣି ରାମଚନ୍ଦ୍ରପୁର ଏବଂ ନରୁଆ ଅଞ୍ଚଳର ଚାଷ ଜମିକୁ ପ୍ରବେଶ କରୁଛି । ଏଥିପାଇଁ ଫସଲ ଉଜୁଡିବ ଓ ଚାଷମାନେ କ୍ଷତିଗ୍ରସ୍ତ ହେବାର ବହୁ ସମ୍ଭାବନା ରହିଛି । ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷପ ଗ୍ରହଣ କରିବା ପାଇଁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ।

## ସମାଜର ସାମଗ୍ରିକ ବିକାଶରେ ଶିକ୍ଷାକୁ ଉପଯୋଗ କରାଯିବା ଆବଶ୍ୟକ

**ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ**



ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ସମାରୋହରେ ମଞ୍ଚାସୀନ ଅତିଥି ।

ଚଣ୍ଡିଖୋଲ/ବଡ଼ଚଣା,୧୨।୮(ପ୍ରଦୀପ୍ତ କୁମାର ପୃଷ୍ଟି/ ଦିଲୀପ କୁମାର ମହାନ୍ତି): ଯାଜପୁର ଜିଲା ଚଣ୍ଡିଖୋଲସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ସୋମବାର ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ମନୋଜ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଚ୍ଚ ଶିକ୍ଷା ଓ କ୍ରୀଡ଼ା ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଖୁବ୍‌ଶୀଘ୍ର ମହାବିଦ୍ୟାଳୟର ୧୦୦ ବେଡ ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ କରାଯିବ। ଆବଶ୍ୟକ ଖେଳ ପଡ଼ିଆର ଅଭାବକୁ ପୂରଣ କରାଯିବ। ଏକ ସୁନ୍ଦର ପ୍ରାକୃତିକ ପରିବେଶରେ ଗଢି ଉଠିଥିବା ଏହି ମହାବିଦ୍ୟାଳୟ ଆସନ୍ତା ବର୍ଷ ତା'ର ସୁବର୍ଣ୍ଣ ଜୟନ୍ତୀ ପାଳନ କରିବାକୁ ଯାଉଛି। ତେଣୁ ଯେଉଁ ମହାନ ବ୍ୟକ୍ତିମାନେ ମହାବିଦ୍ୟାଳୟ ଗଠନରେ ପ୍ରମୁଖ ଭୂମିକା ଲିଭାଇଥିଲେ ସେମାନଙ୍କ ଅବଦାନକୁ ସ୍ମରଣ କରି ଏହାର ସାମଗ୍ରିକ ବିକାଶ ନିମନ୍ତେ ପଦକ୍ଷେପ ନିଆଯିବ। ମୁଖ୍ୟବକ୍ତା ଭାବେ ଫକୀରମୋହନ ବିଶ୍ୱ ବିଦ୍ୟାଳୟର ଅବସରପ୍ରାପ୍ତ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ ଶିକ୍ଷା ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁ, ଏହା ଏକ ଜୀବନ ବ୍ୟାପୀ ସାଧନା। ସମାଜର ସାମଗ୍ରିକ ବିକାଶରେ ଛାତ୍ରୀଛାତ୍ରମାନେ ଶିକ୍ଷାକୁ ଉପଯୋଗ କରିବା ଆବଶ୍ୟକ। ସମ୍ମାନୀତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ଯାଜପୁର ଏମ୍‌ପି ଡ.ରବି ନାରାୟଣ ବେହେରା ଯୋଗଦେଇ ବଡ଼ଚଣାରେ ସ୍ୱାସ୍ଥ୍ୟ ସେବା,ପରିବହନ କ୍ଷେତ୍ରର ବିକାଶ ସହିତ ଶିକ୍ଷାର ବିକାଶ ଦିଗରେ ପଦକ୍ଷେପ ନିଆଯିବ। ଚଣ୍ଡିଖୋଲ ମହାବିଦ୍ୟାଳୟର ଉନ୍ନତିକରଣ ସହିତ ଏକ ଆଦର୍ଶ ମହାବିଦ୍ୟାଳୟରେ ପରିଣତ କରାଯିବ ବୋଲି ମତବ୍ୟକ୍ତ କରିଥିଲେ। ପୁରାତନ ଛାତ୍ର ସଂସଦର ସଭାପତି ତଥା ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ଅଧକ୍ଷ ପବିତ୍ର ମୋହନ ମହଲା ଓ ସମ୍ପାଦକ ଆଇନଜୀବୀ ଦେବରାଜ ବେହେରା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟ ପରିସରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଅତିଥିମାନେ କଲେଜର ମୁଖପତ୍ର 'ଶୈଳଜ' କୁ ଉନ୍ମୋଚନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ପ୍ରିୟଙ୍କା କର, ଲିଙ୍କୁନ ସାହୁ, ଦେବାଶିଷ ସାହୁ, ଯଜ୍ଞେଶ୍ୱରୀ ସାହୁ, ରୋଜାଲିନ ପ୍ରଧାନ, ଗୀତାରାଣୀ ଦାସଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଅଧ୍ୟାପକ ଦିଲୀପ କୁମାର ନାୟକ।

# ଶିକ୍ଷା, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପାନୀୟ ଜଳକୁ ଗୁରୁତ୍ୱ

ମହାକାଳପଡ଼ା,୧୨।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ତୃତୀୟ ସାଧାରଣ ପଞ୍ଚାୟତ ସମିତି ବୈଠକରେ ବିଧାୟକ ଓ ଅନ୍ୟମାନେ।

■ ମହାକାଳପଡ଼ାରେ ୩ୟ ସାଧାରଣ ପଞ୍ଚାୟତ ସମିତି ବୈଠକ
■ ଉନ୍ନୟନମୂଳକ ଯୋଜନା ଲୋଡ଼ିଲେ ବିଧାୟକ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ସଭା ଗୃହଠାରେ ତୃତୀୟ ସାଧାରଣ ପଞ୍ଚାୟତ ସମିତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦୀର୍ଘବର୍ଷ ଧରି ଜନ ପ୍ରତିନିଧିମାନଙ୍କ କଣ୍ଠରୋଧ କରାଯାଉଥିଲା। ଏଥର ସୁଯୋଗ ଆସିଛି ଆପଣଙ୍କ ଅଞ୍ଚଳର ଉନ୍ନୟନମୂଳକ କାର୍ଯ୍ୟ ଯଥା ସମ୍ଭବ ଉଦ୍ୟମ ଆରମ୍ଭ ହେବ ବୋଲି କହିଛନ୍ତି। ଆପଣଙ୍କ ପାଇଁ ମୋ ଦ୍ୱାର ଖୋଲା ରହିଛି ବୋଲି ବିଧାୟକ ନାୟକ ଦୃଢୋକ୍ତି ପ୍ରକାଶ କରିଥିଲେ। ଦେଢ଼ବର୍ଷ ପରେ ତୃତୀୟ ସାଧାରଣ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହେଉଛି ବୋଲି ଉପସ୍ଥିତ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବ୍ଲକର ସମସ୍ତ ଅଞ୍ଚଳରେ ଉନ୍ନୟନମୂଳକ କାର୍ଯ୍ୟ ଜାରି ରଖିବା ସହମତି, ସହଯୋଗିତାରେ ମିଳିମିଶି କାମ କରିବାକୁ ଉପସ୍ଥିତ ଥିବା ସମସ୍ତ ଜନପ୍ରତିନିଧି, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ, ଖବରଦାତାଙ୍କଠାରୁ ବିଧାୟକ ନାୟକ ସହଯୋଗ ଲୋଡିଥିଲେ। ବ୍ଲକର ସବୁ ଅଞ୍ଚଳର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟ ହୃଦୟ ଖୋଲା ଆଲୋଚନା କରିବା ପାଇଁ ବିଧାୟକ ପରାମର୍ଶ ଦେଇଥିଲେ।

ମହାକାଳପଡ଼ାରେ ୨୪୧ କୋଟି ଟଙ୍କା ବ୍ୟୟରେ ପ୍ରତି ପରିବାରକୁ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ବିଦ୍ୟୁତ୍ ଯୋଗାଣ ପଞ୍ଚାୟତ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ବିଶେଷଜ୍ଞ ଡାକ୍ତର ପଦ ଖାଲିପଡ଼ିଛି ବୋଲି ସରପଞ୍ଚ ରତିକାନ୍ତ ପଣ୍ଡା ଅଭିଯୋଗ କରିଛନ୍ତି। ତିଖିରି ପଞ୍ଚାୟତ ସମିତିସଭ୍ୟା ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣରେ ୧୦ ହଜାର ଟଙ୍କା ହିତାଧିକାରୀଙ୍କୁ ଲାଞ୍ଚ ନେବା ପାଇଁ ଦାବି କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ଫଳରେ ଗରିବ ହିତାଧିକାରୀ ଜଣକ ଲାଞ୍ଚ ନ ଦେବାରୁ ଗୃହର ବିଲ୍ ଦେଉ ନାହାନ୍ତି। ଏହି ସମ୍ବେଦନଶୀଳ ଘଟଣାରେ ତଦନ୍ତ ପରିସରଭୁକ୍ତ ପାଇଁ ବୈଠକରେ ସମିତିସଭ୍ୟ ଦାବି କରିଥିଲେ। ଜମ୍ବୁ ଜଙ୍ଗଲରେ ବାରହା ପଲ ଉପଦ୍ରବ ଯୋଗୁ ଜୀବନ ଜୀବିକା ବିପନ୍ନ ହେଉଛି ବୋଲି ସରପଞ୍ଚ ବିଶ୍ୱଜିତ ବସୁ ଅଭିଯୋଗ କରିଛନ୍ତି। ବ୍ଲକର ପ୍ରତି ଅଙ୍ଗନୱାଡି କେନ୍ଦ୍ରକୁ ବିଦ୍ୟୁତ୍ ଯୋଗାଣ ଦାବି, ବ୍ଲକ କାର୍ଯ୍ୟାଳୟରେ ପାନୀୟ ଜଳ ଯୋଗାଣ, ଶୌଚାଳୟ ଓ ବିଶ୍ରାମ କକ୍ଷ ନିର୍ମାଣ ଦାବି ହୋଇଥିଲା। ନଦୀ ନାଳ ଘେରା ବଟିଘର ପଞ୍ଚାୟତକୁ ସବୁଦିନିଆ ରାସ୍ତା ନାହିଁ ଓ ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା ନିର୍ମାଣ ଅବହେଳିତ, ବିଦ୍ୟୁତ୍ ଯୋଗାଣ ବିପର୍ଯ୍ୟୟ ହେଉଛି। ଏହି ପଞ୍ଚାୟତରେ ବୋଟ ଆମ୍ବୁଲାନ୍ସ ସେବା କାମରେ ଆସୁନି। ଖରିନାସି- ଗୁବି ଗଳିଆ ନଦୀରେ ଏକ ସେତୁ ନିର୍ମାଣ ପାଇଁ ବଟିଘର ସମିତିସଭ୍ୟ କ୍ରୀଷ୍ଣପଦ ମଣ୍ଡଳ ଅଭିଯୋଗ କରିଛନ୍ତି। ରାମନଗର, ଖରିନାସି ଓ ବଟିଘର ପଞ୍ଚାୟତ ସମେତ ୬ଟି ରାଜସ୍ୱ ଗ୍ରାମରେ ଆର୍ସେଲର ମିତ୍ତଲ ନିପନ ଷ୍ଟିଲ ଇଣ୍ଡିଆ ନିର୍ମାଣ କେବେ ହେବ ବୋଲି ତହସିଲଦାର ମତାମତ ରଖିବେ ବୋଲି ରାମନଗର ପଞ୍ଚାୟତ ସରପଞ୍ଚ ମିଳନ ଦେବନାଥ ପ୍ରଶ୍ନ ଉଠାଇଛନ୍ତି। ମହାନଦୀ ଘାଟରେ ଏକ ଉଚ୍ଚ କ୍ଷମତାସମ୍ପନ୍ନ ଯାତ୍ରୀବାହୀ ବୋଟ ଆର୍ସେଲର ମିତ୍ତଲ ଷ୍ଟିଲ ଇଣ୍ଡିଆ ପକ୍ଷରୁ ଯୋଗାଇ ଦେଉଥିବା ସରପଞ୍ଚ ଦେବ ନାଥ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ବ୍ଲକର ସରପଞ୍ଚ, ସମିତି ସଭ୍ୟ ବିଭିନ୍ନ ଉନ୍ନୟନ ପ୍ରସଙ୍ଗ ଉଠାଇଥିଲେ। ବୈଠକରେ ଉପସ୍ଥିତ ଥିବା ଅତିଥିମାନଙ୍କ ମଧ୍ୟରେ ବିଡିଓ ସାଗର ରଞ୍ଜନ ନନ୍ଦ, ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, କେନ୍ଦ୍ରାପଡ଼ା ଏମ୍‌ପିଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ଉପସ୍ଥିତ ଥିଲେ। ବୈଠକ ଶେଷରେ ବ୍ଲକ ମିଶନ ଶକ୍ତି ବିଭାଗ ପକ୍ଷରୁ ୩୧ ପଞ୍ଚାୟତରେ ୩୨ ହଜାର ଜାତୀୟ ପତାକା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଚଳିତ ମାସ ୧୩ ତାରିଖଠାରୁ ୧୫ ତାରିଖ ପର୍ଯ୍ୟନ୍ତ ଅଭିଯାନର ଶୁଭାରମ୍ଭ ବିଧାୟକ ନାୟକ କରିଥିଲେ।

# ୯୭ ଅଭିଯୋଗରୁ ୨୦ ସାମୂହିକ, ୭୭ ବ୍ୟକ୍ତିଗତ

**ଗରଦପୁରରେ ପ୍ରଶାସନର ମିଳିତ ଜନଶୁଣାଣି**

ପାଟକୁରା,୧୨।୮ (ରବୀନ୍ଦ୍ର ନାଥ ବାରିକ)



ଜନଶୁଣାଣି ଶିବିରରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଏବଂ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

ଗରଦପୁର ବ୍ଲକ୍ ସଭାଗୃହରେ ପ୍ରଶାସନ ପକ୍ଷରୁ ସୋମବାର ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା କେନ୍ଦ୍ରାପଡ଼ାର ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

ଜିଲାପାଳ ପ୍ରଧାନଙ୍କ ବ୍ୟତିତ ଅତିରିକ୍ତ ଏସ୍‌ପି ଦେବାଶିଷ ଧଳ, ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ତହସିଲଦାର ତୃପ୍ତି ମହାନ୍ତି, ବିଡିଓ ପ୍ରଦ୍ୟୁମ୍ନ କୁମାର ନାୟକ, ସହକାରୀ କଲେକ୍ଟର ବଳଭି ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ ମୋଟ ୯୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଗୁଡ଼ିକ ମଧ୍ୟରୁ ୨୦ଟି ସାମୂହିକ ସମସ୍ୟା ଥିବାବେଳେ ୭୭ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଏହି ଶିବିରରେ ବିଶେଷକରି ପାଖଡ଼ ପଞ୍ଚାୟତ ପାଟସୁରା ଗ୍ରାମର ନାରାୟଣ ନାୟକ ଓ ନୀହାର ରଞ୍ଜନ ପଟ୍ଟନାୟକଙ୍କ ପରିବାର ଜିଲାପାଳଙ୍କୁ ଭେଟି ତାଙ୍କ ଘର ସମ୍ମୁଖ ସରକାରୀ ଗୋଚର ଜମିକୁ ଜବରଦଖଲ କରି ତାର ବାଡ଼ ବୁଲାଯାଇଥିବାରୁ ୧୫ଦିନ ହେବ ସେମାନେ ଘରୁ ବାହାରି ପାରୁ ନ ଥିବା ଗୁହାରୀ କରିଥିଲେ। ବାଡ଼ ଉଚ୍ଛେଦ ପାଇଁ ଉଦ୍ୟମ କଲେ ଜୀବନରୁ ମାରିଦେବାକୁ ଧମକ ମିଳୁଥିବା କହିଥିଲେ। ଏହା ଶୁଣି ଜିଲାପାଳ ପ୍ରଧାନ ଗରଦପୁର ତହସିଲଦାର ମହାନ୍ତିଙ୍କୁ ତୁରନ୍ତ ସେଠାରୁ ଜବରଦଖଲ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ। କଳାବୁଦା ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର ସ୍ୱାମୀ ପରିତ୍ୟକ୍ତା, ଭୂମିହୀନ ମହିଳା ମଧୁସ୍ମିତା ଦାସ ଜିଲାପାଳଙ୍କୁ ଭେଟି ସରକାରୀ ଜାଗା ଖଣ୍ଡେ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ବ୍ଲକ କୃଷି କାର୍ଯ୍ୟାଳୟ ନିକଟରେ ଉଦ୍ୟାନ କୃଷି କାର୍ଯ୍ୟାଳୟ କରିବାକୁ ସମାଜିକ କର୍ମୀ ନବାବ ପଣ୍ଡା ଦାବି କରିଥିଲେ। ସେହିପରି ଅନ୍ୟାନ୍ୟ ଅଭିଯୋଗଗୁଡ଼ିକର ଶୁଣାଣି ହୋଇଥିଲା।

ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଦକ୍ଷତା ବିକାଶ ଅଧିକାରୀ ଘନଶ୍ୟାମ ସାହା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅନିତା ପଟ୍ଟନାୟକ, ଜିଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ସମେତ ଲାଇନ୍ ଡ଼ିପାର୍ଟମେଣ୍ଟର ପଦସ୍ଥ ଅଧିକାରୀମାନେ ଉପସ୍ଥିତ ଥିଲେ।

# ପଟ୍ଟାମୁଣ୍ଡାଇରେ ୩୦ ଫେରାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ପଟ୍ଟାମୁଣ୍ଡାଇ,୧୨।୮ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଅଞ୍ଚଳରେ କଡାକଡି ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଆଦର୍ଶ ଥାନା ପୋଲିସ ଆକ୍ସନ ମୋଡ଼କୁ ଆସିଯାଇଛି। କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶରେ ଅପରାଧ ନିୟନ୍ତ୍ରଣ ଓ ଚୋରା ମାଦକ ଦ୍ରବ୍ୟ କାରବାର ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି। ଏହି ସ୍କ୍ୱାଡ୍ ୩୦ ଜଣ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଆଇଆଇସି ସାହୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାର ଦାୟିତ୍ୱ ଗ୍ରହଣ କରିବା ପରେ ଅପରାଧୀଙ୍କୁ ଦମନ କରି ଆଇନଶୃଙ୍ଖଳା ପରିସ୍ଥିତି ବଜାୟ ରଖିବାକୁ ଚେଷ୍ଟା ଚଳାଇଛନ୍ତି। ସାଧାରଣଜନତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ ଓ ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ କୌଣସି ସାଲିସ କରାଯିବ ନାହିଁ ବୋଲି ଆଇଆଇସି ସ୍ପଷ୍ଟ କରିଛନ୍ତି। ପଟ୍ଟାମୁଣ୍ଡାଇ ସହରରେ ଟ୍ରାଫିକ୍ ନିୟନ୍ତ୍ରଣ, ସନ୍ଧ୍ୟା ଓ ରାତ୍ରିକାଳୀନ ପାଟ୍ରୋଲିଂକୁ କଡାକଡ଼ି କରାଯାଇଛି। ବିଭିନ୍ନ ସ୍ଥାନରେ ରାତିଅଧିଆ ଚଢ଼ାଉ, ଜୁଆ ଖେଳ ଆଡ୍ଡା, ଚୋରା ମଦ କାରବାର ରୋକିବା ପାଇଁ ପୋଲିସ କଠୋର ପଦକ୍ଷେପ ଗ୍ରହଣ କରିଛି। ଆଗାମୀଦିନରେ ଫେରାର ଅଭିଯୁକ୍ତ, ଚୋରା, ମଦ, ଗଞ୍ଜେଇ, ଅଫିମ ଓ ବ୍ରାଉନସୁଗାର ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ସାହୁ କହିଛନ୍ତି। ଏହାକୁ ନେଇ ଅପରାଧୀ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି।

# କାମ କରି ପାରିଶ୍ରମିକ ନ ମିଳିବାରୁ ଆମରଣ ଅନଶନ

ରାଜକନିକା, ୧୨।୮ (ସଞ୍ଜୟ କୁମାର ଦାଶ)

**୨୦୨୦-୨୧ରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ**



ଅନଶନରେ ବସିଥିବା ଶ୍ରମିକମାନେ।

୨୦୨୦-୨୧ କରୋନା ବର୍ଷରୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ କାମ କରିସାରିଥିଲେ ମଧ୍ୟ ଆଜିଯାଏ ପାରିଶ୍ରମିକ ମିଳିନାହିଁ। ଏ ନେଇ ସୋମବାର କାମ କରିଥିବା ଶ୍ରମିକମାନେ ରାଜକନିକା ବ୍ଲକ ଭାରିଗଦା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିଛନ୍ତି। କରୋନା ସମୟରେ ତତ୍କାଳୀନ ସରପଞ୍ଚ ପ୍ରଦୀପ୍ତ ମଲିକଙ୍କ କାର୍ଯ୍ୟକାଳ ସମୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ବିଡିଓଙ୍କ ପରାମର୍ଶକ୍ରମେ ପଞ୍ଚାୟତର ପ୍ରତ୍ୟେକ ଗାଁରେ ଥିବା ଗଳି ରାସ୍ତା, ସ୍କୁଲଗୁଡିକରେ ଟାଇଲ୍ସ ପକାଇବା, କଂକ୍ରିଟ୍ ଆଦି କାମ ଶ୍ରମିକ କରିଥିଲେ। ହେଲେ ଶ୍ରମିକ ବିକ୍ରମ ମହାନ୍ତି, ଶରତ ମଲିକ, ଶିବପ୍ରକାଶ ମଲ୍ଲିକ, ପ୍ରଫୁଲ୍ଲ ଧଳ, ଶୈଳେନ୍ଦ୍ର ଗେରୁ, ରମେଶ ଚନ୍ଦ୍ର ଧଳ ପ୍ରମୁଖଙ୍କୁ ପ୍ରାପ୍ୟ ମିଳି ନ ଥିବାରୁ ଆମରଣ ଅନଶନରେ ବସିଛନ୍ତି।

## ନୂତନ ଜିଲାପାଳ ସ୍ମୃତିରଞ୍ଜନଙ୍କ ଦାୟିତ୍ୱ ଗ୍ରହଣ

କେନ୍ଦ୍ରାପଡ଼ା, ୧୨।୮ (ଜଗନ୍ନାଥ ଧଳ)



ଆ । ଇ ଏ ଏ ସ ସ୍ମୃତିରଞ୍ଜନ ପ୍ରଧାନ କେନ୍ଦ୍ରାପଡ଼ା ଜିଲାର ୫୦ତମ ଜିଲାପାଳ ଭାବେ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବାହ୍ନରେ ସେ ଦାୟିତ୍ୱ ଗ୍ରହଣ ପରେ ଜିଲାବାସୀଙ୍କ ସହଯୋଗ କାମନା କରିଛନ୍ତି। ଜିଲାର ବିକାଶ ପାଇଁ ବଦ୍ଧ ପରିକର ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଥିଲେ, ଏହି ଜିଲାରେ ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରାଯିବ। ଜିଲାବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ସମନ୍ୱୟରେ ଅଧିକ ପ୍ରକଳ୍ପ କରାଯିବ ବୋଲି ସେ ମତ ରଖିଥିଲେ। ୨୦୧୨ ମସିହାର ଆଇଏଏସ୍ ପ୍ରଧାନ ଗଜପତି ଜିଲାପାଳ କାର୍ଯ୍ୟଭାର ଗ୍ରହଣ ପୂର୍ବରୁ ମତ୍ସ୍ୟ, ଶିଳ୍ପ, ଓଡ଼ିଶା ଜୀବିକା ମିଶନର ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରିଛନ୍ତି। ପୂର୍ବାହ୍ନରେ ଜିଲାପାଳ ଭାବେ ଦାୟିତ୍ୱ ଗ୍ରହଣ ପରେ ଗରଦପୁର ବ୍ଲକର ମିଳିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସେହିପରି ଅପରାହ୍ନରେ ଘରେ ଘରେ ତ୍ରୀରଙ୍ଗା ଅଭିଯାନ ଓ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଦାୟିତ୍ୱ ଗ୍ରହଣ ସମୟରେ ଏଡିଏମ୍ ନିଲୁ ମହାପାତ୍ର, ଉପଜିଲାପାଳ ରବୀନ୍ଦ୍ର କୁମାର ପ୍ରଧାନଙ୍କ ସମେତ ଜିଲା ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଦକ୍ଷତା ବିକାଶକୁ ଉଚ୍ଚ ଶିକ୍ଷାରେ ସାମିଲ କରାଯିବ: ଶିଳ୍ପ ମନ୍ତ୍ରୀ



ପାରାଦୀପ କଲେଜ ପ୍ରତିଷ୍ଠା ଦିବସରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଏମ୍‌ପି ବିଭୂପ୍ରସାଦ ତରାଇ ଏବଂ ଅନ୍ୟ ଅତିଥିମାନେ।

ପାରାଦୀପ,୧୨।୮ (ଶରତ ରାଉତ)

**ପାରାଦୀପ କଲେଜର ୫୦ତମ ପ୍ରତିଷ୍ଠା ଦିବସ**

ପାରାଦୀପ କଲେଜର ୫୦ତମ ପ୍ରତିଷ୍ଠା ଦିବସ ସୋମବାର ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ବିଭୁପ୍ରସାଦ ତରାଇ, କୋରେଇ ବିଧାୟକ ଆକାଶଦାସ ନାୟକ, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନର ସିଏସଆର ଅଧିକାରୀ ମନୀଷ ଗୁପ୍ତା, କଲେଜ ପରିଚାଳନା କମିଟିର ସଭାପତି ଅକ୍ଷୟ ଚନ୍ଦ୍ର ପଲାଇ ପ୍ରମୁଖ ଉପସ୍ଥିତ ଥିଲେ।

ଏହି ଅବସରରେ ମନ୍ତ୍ରୀ ସମ୍ପଦ କହିଥିଲେ, ଛାତ୍ରୀଛାତ୍ର ଓ ଯୁବଶକ୍ତି ଚାହିଁଲେ ରାଜ୍ୟ ପ୍ରଗତି ହେବ। ଏଥିପାଇଁ ଦୃଢ ଇଚ୍ଛାଶକ୍ତି, ସମର୍ପଣ ଭାବ, ପାଠ ପ୍ରତି ନିଷ୍ଠା ରଖିବାକୁ ପଡିବ। ଏହି କଲେଜ ୫୦ ବର୍ଷରେ ପଦାର୍ପଣ କରିଛି। କଲେଜର ପୂର୍ବତନ ଛାତ୍ରୀଛାତ୍ର ଏବେ ରାଜ୍ୟ, ଦେଶ ଓ ବିଦେଶରେ ପ୍ରତିଷ୍ଠିତ ଅଛନ୍ତି। ଜୀବନରେ ଚାକିରି ବ୍ୟବସାୟ କିମ୍ବା ଅନ୍ୟ କିଛି କରିବା ପାଇଁ ଲକ୍ଷ୍ୟ ରଖିଥିଲେ, ପ୍ରଥମ ମୂଳଦୁଆ ହେଲା ପାଠ। ରାଜ୍ୟର ଯୁବଶକ୍ତିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ଏବେ ବିଭିନ୍ନ ଖସଡ଼ା କରୁଛନ୍ତି। ଯଥା ଉଚ୍ଚ ଶିକ୍ଷାରେ ଦକ୍ଷତା ବିକାଶକୁ ସାମିଲ କରାଯିବ। ଏହାଦ୍ୱାରା ଉଚ୍ଚ ଶିକ୍ଷାରେ ବିଦ୍ୟାର୍ଥୀ ପାଠ ଶେଷ କରିବା ପରେ ନିଯୁକ୍ତି ପାଇଁ ସୁଯୋଗ ପାଇପାରିବେ। ଆରମ୍ଭରେ ପୂଜା ଓ ସଭା ପରେ କଲେଜର ନୂତନ କ୍ୟାଣ୍ଟିନ, ଇ- ଲାଇବ୍ରେରୀକୁ ଲୋକାର୍ପଣ କରା ଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋରେଖନାଥ ପୀଠ: ୨୫ ହଜାର କାଉଡ଼ିଆଙ୍କ ଜଳଲାଗି

ରଘୁନାଥପୁର,୧୨।୮ (ରାଜେନ୍ଦ୍ର ନାରାୟଣ ସିଂହ)


ଗୋରେଖନାଥ ପୀଠରେ କାଉଡ଼ିଆଙ୍କ ଭିଡ଼।

ଶ୍ରାବଣ ମାସର ଚତୁର୍ଥ ସୋମବାରରେ ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ରର ଅଧିଷ୍ଠାତା ପ୍ରଭୁ ଗୋରେଖନାଥଙ୍କୁ ୨୫ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଥିବା ପୀଠ ପ୍ରଶାସନ ପକ୍ଷରୁ କୁହାଯାଇଛି। ଶ୍ରଦ୍ଧାଳୁ ମାନସିକଧାରୀମାନେ ବିଭିନ୍ନ ନଦୀ ଘାଟରୁ କଳସୀରେ ପାଣି ଉଠାଇ ଶିବ ପଞ୍ଚାକ୍ଷର ଜପ କରି ପୀଠରେ ପହଞ୍ଚି ପ୍ରଭୁଙ୍କୁ ଜଳଲାଗି କରିଥିଲେ। ରବିବାର ଅପରାହ୍ନରୁ ପୀଠରେ କାଉଡ଼ିଆଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ପୀଠ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ, ରାତି ୧ଟାରୁ ପ୍ରଭୁଙ୍କ ପୂଜାନୀତି କରାଯାଇ ପାଣିଢଳା ପର୍ବ ଆରମ୍ଭ ହୋଇଥିଲା। ଭକ୍ତମାନେ ଶୃଙ୍ଖଳିତ ଭାବେ ବ୍ୟାରିକେଡ୍‌ରେ ଆସି ପାଣି ଢାଳିଥିଲେ। ଭିଡକୁ ଦୃଷ୍ଟିରେ ରଖି ତିର୍ତ୍ତୋଲ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଥିଲା। ସ୍ୱେଚ୍ଛାସେବୀ ସଙ୍ଗଠନ ସମାଜ ବିକାଶ ମିଶନ ଆବାହକ ସରିତ ମହାପାତ୍ର, ଏରସମାସ୍ଥିତ ହେଲପିଙ୍ଗ ହ୍ୟାଣ୍ଡ ସୋସାଇଟିର ଦେବାଶିଷ ଜେନା, 'ଉଇ ଲଭ ସେବା' ସଙ୍ଗଠନର ବାପୁ ବିଶ୍ୱାଳ ଓ ସ୍ଥାନୀୟ ଗୋରେଖନାଥ ଯୁବକ ସଂଘର ପ୍ରକାଶ ପାତ୍ରଙ୍କ ନେତୃତ୍ୱରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ରହି ସେବା ଉପଲବ୍ଧ କରାଇଥିଲେ। ଏଥିସହ ପୀଠ ଚତୁଃପାର୍ଶ୍ୱରେ ସ୍ୱେଚ୍ଛାସେବୀ ସଂସ୍ଥାଙ୍କ ପକ୍ଷରୁ ଷ୍ଟଲ ଖୋଲାଯାଇ କାଉଡ଼ିଆଙ୍କ ପାଇଁ ଜଳଖିଆ ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ପୀଠରେ ପର୍ଯ୍ୟାପ୍ତ ପାନୀୟଜଳ, ଫାଷ୍ଟେଡ୍ ସୁବିଧା, ଆଲୋକୀକରଣ ଓ ଭକ୍ତଙ୍କ ରହଣି ନିମନ୍ତେ ଟେଣ୍ଟ ବ୍ୟବସ୍ଥା ହୋଇଥିଲା। ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀ ଶୌର୍ଯ୍ୟରଞ୍ଜନ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗ୍ରାମ୍ୟ କମିଟି ସଦସ୍ୟ ପ୍ରମୋଦ ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ଚନ୍ଦ୍ର ମହାନ୍ତି, କିରାଣି ସରୋଜ ସାହାଣୀଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟ ସମ୍ପାଦନ କରିଥିଲେ। ଦୂରଦୂରାନ୍ତରୁ ଆସୁଥିବା କାଉଡ଼ିଆମାନେ ମଧ୍ୟାହ୍ନ ପର୍ଯ୍ୟନ୍ତ ପୀଠରେ ଜଳଲାଗି କରୁଥିବାର ଦେଖାଯାଇଥିଲା।

# ୬୬ ଅଭିଯୋଗରୁ ୧୩ ତତ୍କାଳ ସମାଧାନ

**ବିରିଡ଼ି ବ୍ଲକରେ ଯୁଗ୍ମ ଜନଶୁଣାଣି ଶିବିର**

ଜଗତ୍‌ସିଂହପୁର,୧୨।୮ (ପ୍ରମୋଦ କୁମାର ନାୟକ)


ଶିବିରରେ ଜିଲାପାଳ ଜେ.ସୋନାଲ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିରିଡ଼ି ବ୍ଲକ କାର୍ଯ୍ୟାଳୟ ପରିସରରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୂଆକରି ଯୋଗ ଦେଇଥିବା ଜିଲାପାଳ ଜେ.ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ମୋଟ ୬୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୫୦ ଓ ଗୋଷ୍ଠୀଗତ/ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୧୬ଟି ଥିଲା। ବ୍ୟକ୍ତିଗତ ଅଭିଯୋଗଗୁଡିକ ମଧ୍ୟରୁ ରାଶନ କାର୍ଡ ସମସ୍ୟା ସମ୍ପର୍କିତ ୨, ଆବାସ ଯୋଜନା ୫, ଜମିଜମା ୭, ଭତ୍ତା ୪, ପୋଲିସ ସହାୟତା ୧ ଏବଂ ଅନ୍ୟାନ୍ୟ ୧୮ଟି ରହିଥିଲା। ଏଗୁଡ଼ିକର ଶୁଣାଣି ପରେ ୧୩ଟି ଅଭିଯୋଗର ତତ୍କାଳ ଫଏସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ରାହୁଲ ପିଆର୍, ଜିଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ବିରିଡ଼ି ବିଡିଓ ବିଜୟ କୁମାର ବେହେରା, ତହସିଲଦାର ସଞ୍ଜୟ କୁମାର ବେହେରା, ଏସ୍‌ଡିପିଓ, ଜିଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଆପତ୍ତି ଓ ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ।

# ଦୁର୍ନୀତିକୁ ଚପାଇ ଦେବାକୁ କୁଜିନେତା, ପୋଲିସର ଚକ୍ରାନ୍ତ

ରାଜକନିକା, ୧୨।୮ (ସଞ୍ଜୟ କୁମାର ଦାଶ)



ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଏବଂ ଅନ୍ୟମାନେ।

■ ବରୁଣା ପ୍ରାଥମିକ କୃଷି ସମବାୟ ସମିତି, ସମବାୟ ବ୍ୟାଙ୍କ
■ ଖବରଦାତା ସମ୍ମିଳନୀ କରି ଗର୍ଜିଲେ ପୂର୍ବତନ ବିଧାୟକ

କେନ୍ଦ୍ରାପଡ଼ା ଜିଲା ଆଳି ନିର୍ବାଚନମଣ୍ଡଳୀ ରାଜକନିକା ବ୍ଲକବରୁଣା ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ), କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃରେ ହୋଇଥିବା ମହାଦୁର୍ନୀତିକୁ ଚପାଇ ଦେବାକୁ ସରକାରୀ ଦଳର କୁଜିନେତା ଓ ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଚକ୍ରାନ୍ତ ଚାଲିଛି। ଏ ସମ୍ପର୍କରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଅଭିଯୋଗ ଆଣି ସୋମବାର ପୂର୍ବାହ୍ନ ୧୦ଟାରେ ସ୍ଥାନୀୟ ଅଶୋକ ବଜାରସ୍ଥିତ ବ୍ଲକ କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀ ଅଭିଯୋଗ କରିଛନ୍ତି।

ସମ୍ମିଳନୀରେ ପୂର୍ବତନ ବିଧାୟକ ଶର୍ମା କହିଛନ୍ତି, ପୂର୍ବ ଓ ବର୍ତ୍ତମାନ ସରକାର କେବଳ ଭିନ୍ନ ନାମ ଏକା କାମ ଚଳାଇଛନ୍ତି। ସମବାୟ ବିଭାଗର ୮ ହଜାର କୋଟି ଟଙ୍କାର ଦୁର୍ନୀତି ସମ୍ପର୍କରେ ବିଗତ ସରକାରର ବିଭିଗୀୟ ମନ୍ତ୍ରୀ ବିଧାନସଭାରେ ସ୍ୱୀକାର କରିଥିଲେ। ହେଲେ ସେ ଦୁର୍ନୀତିର ଖୋଳତାଡ଼ କରା ନ ଯାଇ ବିଭାଗରେ କାର୍ଯ୍ୟ କରୁଥିବା ସମ୍ପାଦକ ଓ ଶାଖା ପରିଚାଳକଙ୍କଠାରୁ ବିପୁଳ ପରିମାଣର ଚାନ୍ଦା ନିଆଯାଇ ଘଟଣାକୁ ଚପାଇ ଦିଆଯାଇଥିଲା। ଗତ ନିର୍ବାଚନରେ ଓଡ଼ିଶାବାସୀ ସରକାର ପରିବର୍ତ୍ତନ କରି ଭାବିଥିଲେ ରାଜ୍ୟ ଦୁର୍ନୀତି ମୁକ୍ତ ହେବ। ହେଲେ ପୂର୍ବ ସରକାରଠାରୁ ଏବେକାର ଅଳ୍ପ ଦିନର ସରକାର ସମୟରେ ଦୁର୍ନୀତି ଯଥେଷ୍ଟ ଅଧିକ ହେଉଥିବା ଅନୁମାନ କରାଯାଉଛି। ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଗରିବ ଚାଷୀ ମୂଲିଆ ପ୍ରମାଣ ସହ ଅଭିଯୋଗ ଆଣିଲେ ପୂର୍ବ ଓ ବର୍ତ୍ତମାନ ସରକାର ଦଳ ଏବଂ ପୋଲିସ ଅଧିକାରୀମାନେ ଚପାଇ ଦେବାକୁ ପ୍ରୟାସ କରୁଛନ୍ତି। ଏଭଳି ଏକ ସମ୍ବେଦନଶୀଳ ଘଟଣା ରାଜକନିକା ବ୍ଲକର ବରୁଣା ପ୍ରାଥମିକ କୃଷି ସମବାୟ ସମିତିରେ ୧୦ ଜଣ ଚାଷୀ ପାତ୍ରୁଲି ଗାଁର ଧରଣୀଧର ନାୟକ, ଗୌତମ ରଣା, ଅଞ୍ଜନ ସାହୁ, ଇଚ୍ଛାପୁର ଗାଁର କୃଷ୍ଣଚନ୍ଦ୍ର ପୃଷ୍ଟି, ସାତଘରିଆ ଗାଁର ସୂର୍ଯ୍ୟମଣି ସାହୁ, ମହେଶ୍ୱର ପରିଡା, ପ୍ରିୟରଞ୍ଜନ ପରିଡା, ଗୋବିନ୍ଦପୁର(ଓଳାଭର) ଗାଁର ଅଲେଖ ଚନ୍ଦ୍ର ସାହୁ, ଛଦେଶ ଗାଁର ଭାଗିରଥୀ ବିଶ୍ୱାଳ, ଶିବାନନ୍ଦ ବେହେରାଙ୍କ ନାମରେ ୧୭ ଲକ୍ଷ ୨୯ ହଜାର ଟଙ୍କା ଚାଷୀମାନଙ୍କ ଅଜଣାତରେ ଉଠା ଯାଇଛି। ଏ ନେଇ ବରୁଣା ପାକ୍ସର ସମ୍ପୃକ୍ତ ସମ୍ପାଦକ ଓ ଶାଖା ପରିଚାଳକଙ୍କ ବିରୋଧରେ ପ୍ରମାଣ ସହ ରାଜକନିକା ଥାନାରେ ଏତଲା ଦେଇଥିଲେ। ମାତ୍ର ଥାନା ଅଧିକାରୀ ପୂର୍ବ ଓ ବର୍ତ୍ତମାନ ସରକାରୀ ଦଳ ନେତା, କୁଜି ନେତାଙ୍କ ଚାପରେ ମାତ୍ର ଗୋଟିଏ ମାମଲା ନଂ. ୩୪୨/୨୪ରେ ରୁଜୁକରି ଚୁପ୍ ବସିବା ଦୁର୍ନୀତି ହୋଇଥିବାର ଗନ୍ଧ ବାରି ହୋଇପଡୁଛି। ଗତ ନିର୍ବାଚନ ପୂର୍ବରୁ କଟକ ସେଣ୍ଟ୍ରାଲ କ୍ରେଡିଟ୍ କୋ-ଅପରେଟିଭ୍ ବ୍ୟାଙ୍କ ଲିଃର ତତ୍କାଳୀନ ଶାଖା ପରିଚାଳକଙ୍କୁ ପୂର୍ବତନ ସରକାରୀ ଦଳର ନେତାମାନଙ୍କୁ ପ୍ରଭାବିତ କରିବାରେ ପ୍ରଚ୍ଛଦପଟ ଭୂମିକାରେ ସମ୍ପୃକ୍ତ ସମ୍ପାଦକଙ୍କ ହାତ ଥିଲା। ଏଠାରେ ଜଣେ ଦୁର୍ନୀତି ଖୋର ଲୁଣ୍ଠନକାରୀ ଶାଖା ପରିଚାଳକଙ୍କୁ ଅବସ୍ଥାପିତ କରାଇ ନିର୍ବାଚନ ପାଣ୍ଠି ସଂଗ୍ରହ କରାଯାଇଥିଲା ବୋଲି ଶର୍ମା ଖବରଦାତା ସମ୍ମିଳନୀରେ ଖୁଲାସା କରିଥିଲେ। ଆହୁରି ମଧ୍ୟ କହିଥିଲେ କି, ସମ୍ପୃକ୍ତ ସମ୍ପାଦକ ସେହି ସମବାୟ ସମିତିର ସଭାପତିଙ୍କ ୨ ପୁଅଙ୍କୁ ଚାକିରି ଦେବା କେତେଦୂର ନ୍ୟାୟ ସଙ୍ଗତ। ତେବେ ଏହି ଟଙ୍କା ହଡପ୍ ଅଭିଯୋଗରେ ସଭାପତି ଚୁପ ରହିବା ଏବଂ ୨ ପୁଅଙ୍କ ଚାକିରିକୁ ନେଇ ତୁରନ୍ତ ସ୍ୱତନ୍ତ୍ର ତଦନ୍ତ କରାଗଲେ ସତ ସାମ୍ନାକୁ ଆସିବ। ସେହିପରି ଜଣେ ୪ର୍ଥ ଶ୍ରେଣୀ କର୍ମଚାରୀ ଅବସର ନେବା ପରେ ତାଙ୍କ ଝିଅକୁ ଚାକିରି ଦେବା ତଦନ୍ତ ସାପେକ୍ଷ ବୋଲି କହିଥିଲେ। ତେବେ ଘଟଣାର ତୁରନ୍ତ ହସ୍ତକ୍ଷେପ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ପୂର୍ବତନ ବିଧାୟକ ଶର୍ମା ଅନୁରୋଧ କରିଛନ୍ତି। ନଚେତ ଜନସାଧାରଣ ସରକାରଙ୍କ ଉପରୁ ଆସ୍ଥା ହରାଇବେ। ସମ୍ମିଳନୀରେ ରାଜକନିକା ବ୍ଲକ କଂଗ୍ରେସ କମିଟି ସଭାପତି ମଙ୍ଗୁଳି ଚରଣ ବେହେରା, ପିସିସି ସଭ୍ୟ ରାଜକନିକା ବ୍ଲକ ବାବୁରାମ ଜେନା, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ନାୟକ, ଶୁଭାଶିଷ ରାଉତରାୟ, ସତ୍ୟବ୍ରତ ପରିଡା, ପ୍ରମୋଦ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ଗାଁରେ ୬୮ ଜଣଙ୍କୁ ଶ୍ରବଣ ଯନ୍ତ୍ର ବଣ୍ଟନ

**ଓଡ଼ଗାଁ,୧୨।୮(ଆଦର୍ଶ କୁମାର ପଟ୍ଟନାୟକ)**

ଓଡ଼ଗାଁ ବ୍ଲକ୍ ପଞ୍ଚାୟତ ସମିତି ସଭାଗୃହରେ ରବିବାର ନୟାଗଡ଼ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୧୮ ପଞ୍ଚାୟତର ୬୮ ଜଣଙ୍କୁ ୧୨୦ ଶ୍ରବଣ ଯନ୍ତ୍ର ବିତରଣ କରାଯାଇଛି। ରବିବାର ଶ୍ରବଣ ଉପକରଣ ବିତରଣ ଶିବିରରେ ମୋଟ ୯୦ ଜଣ ଶ୍ରବଣବାଧିତ ନାମ ପଞ୍ଜୀକରଣ କରିଥିଲେ । ଶିବିରରେ ଉପସ୍ଥିତ ସ୍ୱତନ୍ତ୍ର ଟେକ୍ନିସିଆନମାନଙ୍କ ପରୀକ୍ଷା ନିରୀକ୍ଷା ପରେ ସେଥିମଧ୍ୟରୁ ୬୮ ଜଣଙ୍କୁ ୧୨୦ଟି ଶ୍ରବଣ ଉପକରଣ ବିତରଣ କରାଯାଇଥିଲା । ଶ୍ରବଣ ଉପକରଣ ବିତରଣ ଶିବିରରେ ଜିତେନ୍ଦ୍ର କୁମାର ନାୟକ, ଓଡ଼ଗାଁ ମଣ୍ଡଳ ଉନ୍ନୟନ ଅଧିକାରୀ, ଆଦିପତି କହଁର, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ନୟାଗଡ଼, ଅଡିଓଲୋଜିଷ୍ଟ ନିଷ୍ଠା ରଞ୍ଜନ ଦାଶ, ପ୍ରଭାତ କୁମାର ନାଥ, ନୱାଜ ସରିଫ, ଲକ୍ଷ୍ମୀପ୍ରିୟା ମଲିକ, ପଲ୍ଲବୀ ବଡ଼ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ରାଜସ୍ୱିନୀ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ, ଓଡ଼ଗାଁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେଶ କୁମାର ନାଏକ, କନିଷ୍ଠ ସହାୟକ, ବିଜୟାନନ୍ଦ ବେହେରା, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସହଯୋଗ କରିଥିଲେ।

# ଅଙ୍ଗନୱାଡି କର୍ମୀ, ସହାୟିକାଙ୍କ ଗଣଧାରଣା

## ଓଡ଼ଗାଁ ସିଡିପିଓ ବଦଳି ଦାବି ତେଜିଲା

**ନୟାଗଡ଼/ଓଡଗାଁ,୧୨।୮(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟନାୟକ)**

ଓଡଗାଁ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ)ଙ୍କ ବଦଳି ଦାବିରେ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଦାବି ପୂରଣ ପାଇଁ ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଓଡଗାଁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଗଣଧାରଣା ଦେଇଛନ୍ତି। ନ୍ୟାୟ ନ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ଓଡଗାଁ ଶାଖା ପକ୍ଷରୁ କୁହାଯାଇଛି। ସିଡିପିଓଙ୍କ ମନମୁଖୀ କାର୍ଯ୍ୟକଳାପ ବିରୋଧରେ ଜିଲାପାଳ, ମହିଳା ଓ ଶିଶୁ ବିକାଶ ବିଭାଗ ଭୁବନେଶ୍ୱର, ଉପଜିଲାପାଳ, ଜିଲା ସମାଜ ମଙ୍ଗଳ ଅଧିକାରୀ, ନୟାଗଡ଼ ଏସ୍‌ପି, ସିଡିପିଓଙ୍କ ଓଡ଼ଗାଁକୁ ଅଭିଯୋଗ କରିବା ପରେ ସୁଫଳ ନ ପାଇବାରୁ ଆନ୍ଦୋଳନ ଆରମ୍ଭ ହୋଇଛି।


ଓଡ଼ଗାଁ ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଙ୍ଗନୱାଡି କର୍ମୀମାନେ ଧାରଣା ଦେଇଛନ୍ତି।

ଅଭିଯୋଗ ଅନୁସାରେ ୨୦୧୯ରୁ ସିଡିପିଓ ଓଡଗାଁରେ ପ୍ରାୟ ୫ବର୍ଷ ହେଲା କାର୍ଯ୍ୟ କରି ଆସୁଛନ୍ତି। ତେବେ ଭେଷ୍ଟିସ କମ୍ପାନୀ ନାମରେ ଏକ କମ୍ପାନୀର ସମସ୍ତ ପ୍ରଡକ୍ଟକୁ କିଣିବା ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ବାଧ୍ୟ କରିଥିଲେ। ଯେଉଁ ଅଙ୍ଗନୱାଡି କର୍ମୀମାନେ ପ୍ରତିବାଦ କଲେ ସେମାନଙ୍କୁ ହଇରାଣ ହରକତ କରାଗଲା। କୋଭିଡ ମହାମାରୀ ସମୟରେ ଅରୁଣିମା ପ୍ୟାକେଜରେ ସରକାରଙ୍କଠାରୁ ମିଳିଥିବା ୨୫୦୦ ଟଙ୍କା ସିଡିପିଓ ନେଇ ଯାଇଥିଲେ। ତେବେ ଏହି ପ୍ୟାକେଜରେ ଅରୁଣିମା ଅଭ୍ୟାସ ପୁସ୍ତିକା, କୁନି କ୍ୟାଲେଣ୍ଡର, ମୋ ବିକାଶ ପତ୍ର ଅଙ୍ଗନୱାଡି କର୍ମୀଙ୍କୁ ଦେଇ ନ ଥିଲେ। ପଚାରିଲେ ଉତ୍ତର ମିଳୁଛି ଉପକରଣ ଯୋଗାଉଥିବା ବ୍ୟକ୍ତିର ସବୁ ଉପକରଣ ହଜିଗଲା। କ୍ୟାସ୍‌ବୁକ୍‌ରେ ଅରୁଣିମା ପ୍ୟାକେଜ କରାଯାଇଥିବା ନେଇ ଦର୍ଶାଇ ଦିଅ ବୋଲି କହୁଛନ୍ତି। ସେହିପରି ଅଙ୍ଗନୱାଡି କେନ୍ଦ୍ର ପରିଚାଳନା ପାଇଁ ବାର୍ଷିକ ରକ୍ଷଣାବେକ୍ଷଣ ବାବଦକୁ ଆସୁଥିବା ୩ ହଜାର ଟଙ୍କା ବ୍ୟାଙ୍କରୁ ଉଠାଇ ଦେବା ପାଇଁ ସିଡିପିଓ ମାଗୁଛନ୍ତି। ସବୁ କେନ୍ଦ୍ରରେ ଅର୍ଥ ସେ କରାଇ ଦେବେ ବୋଲି କହୁଛନ୍ତି। ଘରୋଇ ହିଂସା ଓ ଲିଙ୍ଗଗତ ପାର୍ଥକ୍ୟ ଉପରେ ୧୬ ଦିନିଆ ସଚେତନତା ପାଇଁ କର୍ମୀଙ୍କଠାରୁ ସିଡିପିଓ ୧୦୦ଟଙ୍କା ନେଇ ୫୦ରୁ ୬୦ ଟଙ୍କାର ଏକ ବ୍ୟାନର ଦେଇଥିବା ମଧ୍ୟ ଅଭିଯୋଗ ରହିଛି। ବିଜୁ କନ୍ୟା ରତ୍ନ ଓ କିଶୋରୀ ମେଳା ଅନୁଦାନ ହଡପ ହୋଇଛି। ପ୍ରତିବାଦ କରିବାରୁ ଅନେକ ଅଙ୍ଗନୱାଡି କର୍ମୀ ହଟହଟା ହୋଇଛନ୍ତି। ୩ରୁ ୬ ବର୍ଷର ପ୍ରାକ୍‌ବିଦ୍ୟାଳୟ ଶିଶୁମାନଙ୍କୁ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଯୋଗା ଯାଉଥିବା ପୋଷାକ ନିମ୍ନମାନର ଥିବାବେଳେ ସେମାନଙ୍କ ମାପରେ ଦିଆଯାଉନି। ଛୋଟ ବଡ଼ ପୋଷାକକୁ ବଦଳ କରାଯାଉନାହିଁ। ପୁଣି ୨ ହଳ ପୋଷାକ ସ୍ଥାନରେ ୧ ହଳ ପୋଷାକ ଦିଆଯାଉଛି। ପରେ ଦିଆଯିବ କହି ଆଉ ପୋଷାକ ଦିଆଯାଉନି। ଏଭଳିସ୍ଥଳେ ଅଯଥାରେ ଅଙ୍ଗନୱାଡି ଅଭିଭାବକଙ୍କ ରୋଷର ଶିକାର ହୋଇ ହଟହଟା ହୋଇ ଆସୁଛନ୍ତି। ଏ ସମ୍ପର୍କରେ ସିଡିପିଓଙ୍କୁ ଅଭିଯୋଗ କଲେ ସୁଫଳ ମିଳୁନି। ଆଖୁପଦର ଓ ବହପୁଟ କେନ୍ଦ୍ରର ଅଙ୍ଗନୱାଡି କେନ୍ଦ୍ରର ଗ୍ୟାସ ଭର୍ତ୍ତି ୨ଟି ସିଲିଣ୍ଡରକୁ ନେଇ ଆଉ ଫେରାଇଲେ ନାହିଁ। ସିଲିଣ୍ଡର ମାଗିବା ପରେ ଅକ୍ରୋଶର ଶିକାର ହେବାକୁ ପଡୁଛି। ଏ ନେଇ ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କର୍ସ ଆସୋସିଏଶନର ସଭାନେତ୍ରୀ ରଞ୍ଜୁରାଣୀ ସାହୁ ଓ ସମ୍ପାଦିକା ମେନକା ପଲେଇ କୁହନ୍ତି, ଅଙ୍ଗନୱାଡି କର୍ମୀ ଓ ସହାୟିକାମାନଙ୍କୁ ସିଡିପିଓ ହଇରାଣ କରି ଆସୁଛନ୍ତି। ବାରମ୍ବାର ପ୍ରତିବାଦ କରି ସୁଫଳ ନ ମଳିବାରୁ ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇଲୁ। ସୁଫଳ ନ ମିଳିବାରୁ ଗଣଧାରଣା ସୋମବାରଠାରୁ ଆରମ୍ଭ ହୋଇଛି। ମଙ୍ଗଳବାରଠାରୁ ଏହା ବଡଧରଣର କରାଯିବ ବୋଲି କହିଛନ୍ତି। ସିଡିପିଓ ଲହଡି ମାଳା ପ୍ରଧାନଙ୍କୁ ପଚାରିବାରେ ସରକାରଙ୍କ ସର୍ତ୍ତ ଓ ନିୟମ ଅନୁସାରେ ପୋଷାକ ପ୍ରସ୍ତୁତ ପାଇଁ ପ୍ରଥମେ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସୁଯୋଗ ମିଳିବ। ଓଡଗାଁ ବ୍ଲକରେ ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରିଥିବାରୁ ସେମାନେ ହିଁ ପାଇଲେ। ସ୍ୱୟଂ ସହାୟିକା ଗୋଷ୍ଠୀ ଆବେଦନ କରି ନ ଥିଲେ ଅଙ୍ଗନୱାଡି କର୍ମୀ ପାଇଥାନ୍ତେ। ତେବେ ଅଙ୍ଗନୱାଡି କର୍ମୀଙ୍କ ଦାବିକୁ ଜିଲାସ୍ତରୀୟ ଅଧିକାରୀଙ୍କୁ ଅବଗତ କରାଇଛୁ। ଅନ୍ୟପକ୍ଷେ ମୋ ନାଁରେ ଯେଉଁ ଅଭିଯୋଗ ସବୁ ଆସିଛି ସେଥିରେ ସତ୍ୟତା ନାହିଁ ବୋଲି ସେ କହିଛନ୍ତି।

## ବାଂଲାଦେଶୀ ଫେରିବାଲାଙ୍କୁ ବିଦା ପାଇଁ ଦାବି

**ଓଡ଼ଗାଁ,୧୨।୮(ଆଦର୍ଶ କୁମାର ପଟ୍ଟନାୟକ)**

ବାଂଲାଦେଶରେ ରାଜନୈତିକ ଅସ୍ଥିରତା ଦେଖାଦେଇଥିବା ବେଳେ ସେଠାକାର ହିନ୍ଦୁଙ୍କୁ ଅକଥନୀୟ ଅତ୍ୟାଚାର ସମସ୍ତଙ୍କୁ ସ୍ତବ୍ଧ କରିଛି। ଏ ନେଇ ଦେଶ ବିଦେଶରେ ବାଂଲାଦେଶୀଙ୍କ ଏତାଦୃଶ କାର୍ଯ୍ୟକୁ ଘୋର ବିରୋଧ କରାଯାଉଛି। ପୂର୍ବରୁ ବାଂଲାଦେଶୀ ଶରଣାର୍ଥୀ ବ୍ୟତିରେକ ଅନେକ ଅନୁପ୍ରବେଶକାରୀ ସାରା ରାଜ୍ୟରେ ଅନାୟସରେ ଫେରିବାଲା ସାଜି ବିଚରଣ କରୁଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଛନ୍ତି। ଏପରିସ୍ଥଳେ ଓଡ଼ଗାଁ ଥାନା ଅଞ୍ଚଳରେ ଅନେକ ବେନାମୀ ୨ଚକିଆ ଗାଡି, ସାଇକେଲ ଧରି ଫେରିବାଲା ସାଜି ସାହି, ଗାଁର ଗଳି କନ୍ଦିରେ ବୁଲୁଛନ୍ତି। ଏପରିକି ସେମାନେ ରାତିରେ ଚୋରି ଧନ୍ଦାରେ ସାମିଲ ହେଉଥିବା ଅନେକ ନଜୀର ରହିଛି। ଏତଦ୍‌ବ୍ୟତୀତ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଜାଣତରେ କେତେଜଣ ସରକାରୀ ଯୋଜନାରେ ସାମିଲ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏସବୁ ଦୃଷ୍ଟିରୁ ସ୍ଥାନୀୟ ଅଞ୍ଚଳରୁ ସେମାନଙ୍କୁ ତଡିପାର କରିବା ସହିତ ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ପ୍ରଶାସନ ଧ୍ୟାନ ଦେବାକୁ ସୋମବାର ସନ୍ତୋଷ କୁମାର ପ୍ରଧାନଙ୍କ ନେତୃତ୍ୱରେ ବଜରଙ୍ଗ ଦଳ ପକ୍ଷରୁ ଓଡ଼ଗାଁ ଏନ୍‌ଏସି ନିର୍ବାହୀ ଅଧିକାରୀ ଦୁଃଶାସନ ସ୍ୱାଇଁ ଓ ଆଦର୍ଶ ଥାନା ଅଧିକାରୀ ରଶ୍ମିରନ ସାହୁଙ୍କୁ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଏହା ସହିତ ସରକାରୀ ଯୋଜନା ହାସଲ କରିଥିବା ବାଂଲାଦେଶୀଙ୍କ ସମ୍ପର୍କରେ ତଦନ୍ତ କରିବାକୁ ଦାବି କରାଯାଇଛି। ଏ ନେଇ ଏନ୍‌ଏସି ଅଧିକାରୀ ସ୍ୱାଇଁ ସ୍ଥାନୀୟ ତହସିଲଦାର ଡ.ମାନସ ରଞ୍ଜନ ଭୋଇଙ୍କ ସହିତ ଆଲୋଚନା କରିବା ଅନୁପ୍ରବେଶକାରି ଫେରିବାଲାଙ୍କ ୱାର୍ଡ ୱାରୀ ତାଲିକା ପ୍ରସ୍ତୁତ କରିବାକୁ ୱାର୍ଡ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।

## ଲଡୁବାବାଙ୍କୁ ୪୮୬୧ କାଉଡ଼ିଆଙ୍କ ଜଳ ଲାଗି


ଲଡୁବାବାଙ୍କୁ ଜଳଲାଗି କାରିବାକୁ କାଉଡିଆମାନେ ଧାଡିରେ ଠିଆ ହୋଇଛନ୍ତି।

**ଶରଣକୁଳ, ୧୨।୮ (ଦୀପକ କର)**

ଶ୍ରାବଣ ମାସର ୪ର୍ଥ ସୋମବାରରେ ଲଡୁବାବାଙ୍କ ନିକଟରେ ଜଳଲାଗି ପାଇଁ ବିଭିନ୍ନ ସ୍ଥାନରୁ ୪୮୬୧ କାଉଡ଼ିଆ ନଦୀଗୁଡିକରୁ ଜଳଭାର ନେଇ ଜଳାଭିଷେକ କରିଛନ୍ତି। କାଉଡିଆମାନେ ଶରଣକୁଳ ଲଡୁବାବା ମନ୍ଦିର ପାଖରେ ନିର୍ମିତ ଅସ୍ଥାୟୀ ଆଶ୍ରୟସ୍ଥଳ ତଥା ବିଭିନ୍ନ ସ୍ଥାନରେ ବିଶ୍ରାମ ନେଇଥିଲେ। ମହିଳା ଓ ଅଳ୍ପ ବୟସ୍କ କାଉଡିଆଙ୍କ ପାଇଁ ମନ୍ଦିର ବେଢାରେ ମନ୍ଦିର କାର୍ଯ୍ୟାଳୟ ପକ୍ଷରୁ ବିଶ୍ରାମର ବ୍ୟବସ୍ଥା କରାଯାଇଥିଲା। ରବିବାର ମଧ୍ୟରାତି ସାଢେ ୧୨ଟାରେ ଲଡୁବାବାଙ୍କ ଅବକାଶ ନୀତି ହେବା ସହ ଅନ୍ୟ ନୀତି ସମ୍ପର୍ଣ୍ଣ ହେବା ପରେ ରାତି ୧ଟା୧୦ମିନିଟ୍‌ରୁ ପ୍ରଥମେ ମହିଳା ଓ ଅଳ୍ପ ବୟସ୍କ ପରେ ଅନ୍ୟସବୁ କାଉଡ଼ିଆମାନେ ଗେରୁଆ ବସ୍ତ୍ର ପରିଧାନ ପୂର୍ବକ ଭକ୍ତିମୟ ପରିବେଶ ମଧ୍ୟରେ ନିଜନିଜର ଲକ୍ଷ୍ୟ ପୂର୍ତ୍ତି ନେଇ ମନ୍ଦିର ସିଂହଦ୍ୱାର ସମ୍ମୁଖ ବ୍ୟାରିକେଟ ଦେଇ ଜଳକୁମ୍ଭ ନେଇ ଶିବ ପଞ୍ଚାକ୍ଷରୀ ଓ ଶିବ ସହସ୍ରନାମ ଜପ ସହ ମନ୍ଦିରରେ ପ୍ରବେଶ କରି ରୁପା ପାଟ ବୃଷଭ ସମ୍ମୁଖରେ ଥିବା ତମ୍ବା କୁଣ୍ଡରେ ଗଙ୍ଗା ଜଳ ଢାଳି ଲଡୁବାବାଙ୍କ ମସ୍ତକରେ ଲାଗି କରିଥିଲେ। ପୂର୍ବାହ୍ନ ୧୧ଟାରେ ଠାକୁରଙ୍କର ନୀତି ପାଇଁ କିଛି ସମୟ ପାଇଁ ଜଳଲାଗି ବନ୍ଦ ରହିବା ପରେ ସାଧାରଣ ଦର୍ଶନ ଓ ବୋଲବମ ଭକ୍ତଙ୍କର ଜଳାଭିଷେକ ଚାଲୁ ରହିଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ ଓ ସେବାୟତମାନେ କାଉଡିଆମାନଙ୍କ ଜଳଲାଗି ତଥା ଦର୍ଶନର ସୁବ୍ୟବସ୍ଥିତ କରି ସମସ୍ତ ମନ୍ଦିର ନୀତି ସମ୍ପର୍ଣ୍ଣ କରିଥିଲେ। ଆଜିର କାଉଡ଼ିଆ ସେବା କମଳା ଦେଇପୁରପାଟଣା (ସୁଆର ସାହି) ସେବାସୀଙ୍କ ଉପରେ ନ୍ୟସ୍ତ ଥିଲା। କାଉଡିଆ ଓ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ହେଉଥିବା ଭିଡକୁ ଲକ୍ଷ୍ୟ କରି ଶରଣକୁଳ ପୋଲିସ ପକ୍ଷରୁ ମନ୍ଦିର ଭିତରେ ଓ ବାହାରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ୫୩ ଅଭିଯୋଗର ଶୁଣାଣି

**ଗଣିଆ ୧୨।୮(ସନ୍ତୋଷ କୁମାର ପ୍ରଧାନ)**

ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ନୟାଗଡ଼ ଜିଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୫୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ନୟାଗଡ଼ ଉପଜିଲାପାଳ କର୍ଣ୍ଣଦେବ ସମାଦାର ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଗଣିଆ ବ୍ଲକ ମଣିଭଦ୍ରା କଳାପାଟଠାରୁ ବଡମୂଳ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ତୁରନ୍ତ ଶେଷ କରିବା ସହ ବନ୍ୟାରେ ଧୋଇ ହେଉଥିବା ରାସ୍ତା ପିଚୁ ବଦଳରେ କଂକ୍ରିଟ ଢଳେଇ କରିବାକୁ ଛାମୁଣ୍ଡିଆ ପଞ୍ଚାୟତର ସରପଞ୍ଚଙ୍କ ସମେତ ଲୋକେ ଅଭିଯୋଗ କରିଥିଲେ। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ୨ବର୍ଷ ହେବ ଆରମ୍ଭ ହୋଇଥିଲେ ମଧ୍ୟ ଶେଷ ହୋଇ ନ ଥିବାରୁ ପ୍ରତିଦିନ ଲୋକେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ଦିନେ କଂକ୍ରିଟ ରାସ୍ତା ନିର୍ମାଣ କରାଯାଉଥିବାରୁ ଲୋକଙ୍କ ଯାତାୟତ କରିବାରେ ଅସୁବିଧା ହେଉଛି। ସେହିପରି ବ୍ଲକର ୮ଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୨ଜଣ କନିଷ୍ଠ ଯନ୍ତ୍ରୀ ଥିବା ବେଳେ ଆଉ ୨ଜଣ କନିଷ୍ଠ ଯନ୍ତ୍ରୀଙ୍କୁ ନିଯୁକ୍ତି ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ବର୍ତ୍ତମାନ ୨ଜଣ କନିଷ୍ଠ ଯନ୍ତ୍ରୀ ବିଭିନ୍ନ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ସହ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ପତ୍ରରେ ଦର୍ଶାଇଥିଲେ। ବ୍ଲକ କଳାକାର ସଂଘ ପକ୍ଷରୁ ଭତ୍ତା ପ୍ରଦାନ ପାଇଁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ଖଣ୍ଡପଡା ଏସ୍‌ଡିପିଓ ବିମଳ ବାରିକ, ବିଡିଓ ବେବିତା ମଞ୍ଜରୀ ନାୟକ, ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ତହସିଲଦାର ପ୍ରୀତିବାଳା ରଣା, ଏବିଡିଓ ରତନଲାଲ ଲୋହରା ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନ କୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀ ସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇଥିଲେ।



ଉପଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

## ୨୨ରେ ଭାପୁର ବ୍ଲକ ଅଧ୍ୟକ୍ଷ ନିର୍ବାଚନ

**ନୟାଗଡ଼/ଭାପୁର,୧୨।୮(ଲୋକନାଥ ମିଶ୍ର/ଭରତ କୁମାର ବେହେରା)**

ନୟାଗଡ଼ ଜିଲାର ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନ ଗତ ସାଧାରଣ ନିର୍ବାଚନରେ ଖଣ୍ଡପଡ଼ା ବିଧାନସଭା ପାଇଁ ବିଜେଡି ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ଏଣୁ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ଏଭଳିସ୍ଥଳେ ବ୍ଲକ ଅଧ୍ୟକ୍ଷ ପଦବୀ ଖାଲି ପଡିଥିବାରୁ ରାଜ୍ୟ ନିର୍ବାଚନ କମିଶନ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏଥିପାଇଁ ଚଳିତ ମାସ ୧୪ ତାରିଖରେ ଜିଲା ନିର୍ବାଚନ ଅଧିକାରୀଙ୍କନୋଟିସ୍ ବାହାରିବ। ୨୨ ତାରିଖ ପୂର୍ବାହ୍ନ ୧୦ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ନାମାଙ୍କନପତ୍ର ଦାଖଲ ହେବ। ପୂର୍ବାହ୍ନ ୧୧ଟାରୁ ସାଢ଼େ ୧୧ଟା ମଧ୍ୟରେ ଯାଞ୍ଚ, ମଧ୍ୟାହ୍ନ ୧୨ଟାରେ ପ୍ରାର୍ଥିପତ୍ର ପ୍ରତ୍ୟାହାର, ସାଢ଼େ ୧ରୁ ଅପରାହ୍ନ ୨ଟା ମଧ୍ୟରେ ଭୋଟ ଗ୍ରହଣ କରାଯିବାର ରହିଛି। ଭାପୁର ବ୍ଲକରେ ବିଜେଡି ନେତା ବେଣୁଧର ପ୍ରଧାନଙ୍କ ସମର୍ଥନମାନେ ବହୁସଂଖ୍ୟାରେ ଜିତିଥିବାରୁ ତାଙ୍କ ପଲା ଭାରି ରହିଛି। ବେଣୁଧର ଉପାଧ୍ୟକ୍ଷ ଥିବାବେଳେ ସେ ଅଧ୍ୟକ୍ଷ ପାଇଁ ପ୍ରାର୍ଥିପତ୍ର ପକାଇବାକୁ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ଯଦି ବେଣୁଧର ଅଧ୍ୟକ୍ଷ ପଦ ହାତେଇ ନିଅନ୍ତି ପୁଣି ଥରେ ଉପାଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହୋଇପାରେ।

## ଅନ୍ତର୍ଜାତୀୟ ଯୁବ ଦିବସ: ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ

**ଖଣ୍ଡପଡ଼ା,୧୨।୮(ଅଜୟ କୁମାର ମହାରଣା)**

ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ ଖଣ୍ଡପଡ଼ା ଯୁକ୍ତ ୨ ମହିଳା ମହାବିଦ୍ୟାଳୟ ପରିସରରେ ରେଡ ରିବନ୍ କ୍ଲବ ଓ ଯୁଥ ରେଡକ୍ରସ ଶାଖା ପକ୍ଷରୁ ସୋମବାର ମଧ୍ୟାହ୍ନରେ ଏଚଆଇଭି ଏଡସ ଓ ଯୌନ ସଂକ୍ରମିତ ରୋଗର ନିରାକରଣ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ସ୍ମିତା ଶେଫାଳୀ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଦୀପ କୁମାର ପାଇକରାୟ ବିଶେଷଜ୍ଞ ଭାବେ ଯୋଗଦେଇ ଏଚଆଇଭି ଏଡ୍‌ସ୍ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟାପିକା ବିଶ୍ୱ ଭାରତୀ ମହାରଣା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଯୁଥ ରେଡକ୍ରସ ଉପଦେଷ୍ଟା ଅଧ୍ୟାପିକା ଜାହ୍ନବୀ ପଟ୍ଟନାୟକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ବରିଷ୍ଠ ଅଧ୍ୟାପିକା କୃଷ୍ଣପ୍ରିୟା ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀ, ଅଧ୍ୟାପିକାଅଧ୍ୟାପକ ଓ କର୍ମଚାରୀମାନେ ଅଂଶ ଗ୍ରହଣ କରିଥିଲେ।

## ସର୍ପ ଦଂଶନରେ ବୃଦ୍ଧଙ୍କ ମୃତ୍ୟୁ

**ଖଣ୍ଡପଡ଼ା,୧୨।୮(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକର ଖଳିସାହି ପଞ୍ଚାୟତ ଅଧୀନ କୋଟପୋଖରୀ ଗ୍ରାମର ଦାଶରଥି ନାୟକ(୭୦) ଘରେ ସୋମବାର ମଧ୍ୟାହ୍ନରେ ଶୋଇଥିବାବେଳେ ଏକ ବିଷଧର ସାପ ଦଂଶନ କରିଥିଲା। ପରିବାରବର୍ଗ ସଙ୍ଗେ ସଙ୍ଗେ ତାଙ୍କୁ ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଦାଶରଥି ଖଳିସାହି ଗ୍ରାମ ଶ୍ରୀଗୋପାଳଜୀଉ ମନ୍ଦିରର ପରିଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ।

## କନ୍ଧନୟାଗଡଠାରୁ ଟାଙ୍ଗୀ ରାସ୍ତାର ପ୍ରଶସ୍ତୀକରଣର ଭିତ୍ତିପ୍ରସ୍ତର


ଭିତ୍ତିପ୍ରସ୍ତର ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ରଣପୁର, ୧୨।୮(ସୁକାନ୍ତ କିଶୋର ଡ଼ାକୁଆ)**

ନୟାଗଡ଼ଜିଲା କନ୍ଧନୟାଗଡ଼ଚାନ୍ଦପୁରଠାରୁ ଖୋର୍ଦ୍ଧା ଜିଲା ଟାଙ୍ଗୀକୁ ସଂଯୋଗ କରୁଥିବା ପୁରଣା ବଜାର ରାସ୍ତା ବହୁ ବର୍ଷ ହେବ ମରଣାଯନ୍ତା ପାଲଟାଥିଲା। ଯାନବାହନ ଚଳାଚଳ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟିଥାଏ। ବହୁଦିନରୁ ସ୍ଥାନୀୟ ଜନସାଧାରଣ ରାସ୍ତାର ପ୍ରଶସ୍ତୀକାରଣ ଲାଗି ଦାବି କରିଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଏହି ରାସ୍ତାର ପ୍ରଶସ୍ତୀକରଣ ଭିତ୍ତିପ୍ରସ୍ତର ସ୍ଥାପନ ସୋମବାର ମୁଖ୍ୟ ଅତିଥି ଭାବେ ବାଚସ୍ପତି ସୁରମା ପାଢୀ, ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ପୁରୀ ଏମ୍‌ପି ସମ୍ବିତ ପାତ୍ର, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ଯୋଗ କରିଥିଲେ। ଏହି ରାସ୍ତାଟି ଆସନ୍ତା ଜାନୁଆରୀ ୨୦୨୫ ସୁଦ୍ଧା ଶେଷ କରିବାକୁ ଅବଧି ରହିଛି। କନ୍ଧନୟାଗଡଠାରୁ ଚାନ୍ଦପୁର ବଜାର ମଧ୍ୟ ଦେଇ ଟାଙ୍ଗୀ ପର୍ଯ୍ୟନ୍ତ ୪ କିମି ରାସ୍ତାର ପ୍ରଶସ୍ତୀକରଣ ପାଇଁ ୧୪ କୋଟି ଟଙ୍କା ସରକାରଙ୍କ ପକ୍ଷରୁ ମଞ୍ଜୁର ହୋଇଛି। ଏହି କାର୍ଯ୍ୟକ୍ରମକୁ ଚାନ୍ଦପୁର ମଣ୍ଡଳ ସଭାପତି ସୁବର୍ଣ୍ଣ ସିଂହ, ଗୋପାଳପୁର ମଣ୍ଡଳ ସଭାପତି ନିର୍ମଳ ମଉଗଜସିଂହ, ରଣପୁର ନିର୍ବାଚନ ମଣ୍ଡଳୀ ସଂଯୋଜକ ପରେଶ ମିଶ୍ର, ଚାନ୍ଦପୁର ମଣ୍ଡଳ ଉପସଭାପତି ଗଣେଶ୍ୱର ମାନ୍ଧାତା, ଚମ୍ପାଗଡ଼ ପଞ୍ଚାୟତ ସଭାପତି ରବୀନ୍ଦ୍ର ସାମନ୍ତ ପ୍ରମୁଖ ସହଯୋଗ କରିଥିଲେ।

## କଣ୍ଟିଲୋରେ ୨ ବିଧାୟକଙ୍କୁ ସମସ୍ୟା ଜଣାଇଲେ ଗ୍ରାମବାସୀ

**ଖଣ୍ଡପଡ଼ା,୧୨।୮(ଅଜୟ କୁମାର ମହାରଣା)**

କଣ୍ଟିଲୋ ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ ଉଦ୍ଦେଶ୍ୟରେ ଖଣ୍ଡପଡ଼ା ବିଧାୟକ ଦୁଷନ୍ତ କୁମାର ସ୍ୱାଇଁ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ ସପରିବାରେ ସନ୍ଧ୍ୟାରେ ଗସ୍ତ କରିଥିଲେ। ୨ ବିଧାୟକ ପରିବାର ଶ୍ରୀନୀଳମାଧବ ଜୀଉଙ୍କ ଦର୍ଶନ କରିଥିଲେ। ପରେ ଉଭୟ ବିଧାୟକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ନାଗରିକ ମଞ୍ଚର ସଭାପତି, ସଦସ୍ୟ, ଜିଲା ପରିଷଦ ସଦସ୍ୟା, ଗ୍ରାମବାସୀ ଓ ଯୁବଗୋଷ୍ଠୀ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ସେମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ।


୨ ବିଧାୟକ ପରିବାର ସଦସ୍ୟଙ୍କ ସହ ଶ୍ରୀନୀଳମାଧବ ଜୀଉଙ୍କୁ ଦର୍ଶନ କରି ଫେରୁଛନ୍ତି।

ଆଲୋଚନା ସମୟରେ ଉପସ୍ଥିତ ଥିବା ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, ପୂର୍ବତନ ସରପଞ୍ଚ ପ୍ରତାପ କୁମାର ସାହୁ, ନୀଳମାଧବ ପୂଜକ ସମାଜର ସଭାପତି ସୀମାଞ୍ଚଳ ମିଶ୍ର, ପୂର୍ବତନ ସମ୍ପାଦକ ନୀଳମାଧବ ମିଶ୍ର, ଅମିତ କୁମାର ମହାରଣା, ଶୁଭ୍ରାଂଶୁ କୁମାର ମହାରଣା, ରାଜେଶ କୁମାର ସାହୁ ପ୍ରମୁଖ କଣ୍ଟିଲୋରେ ସମ୍ପ୍ରତି ଅନିୟମିତତା ଭାବେ ଚାଲିଥିବା ନୀଳମାଧବ ବିକଶ ପ୍ରକଳ୍ପ ସମସ୍ତ କାର୍ଯ୍ୟଗୁଡିକ ନିମ୍ନମାନର ହୋଇଥିବାରୁ ଏହାର ସ୍ଥାୟିତ୍ୱ ତଥା ସ୍ୱଚ୍ଛତା ସମ୍ପର୍କରେ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ। ବିଶେଷକରି ବିଜେଡି ସରକାର ଉକ୍ତ ପ୍ରକଳ୍ପ ପାଇଁ ୨୦୨୨ ଏପ୍ରିଲରେ ୧୦୦ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରି ଏହାକୁ ୧୮ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରାଯିବ ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ତେବ ଦୀର୍ଘ ୨ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟଗୁଡିକ ଶେଷ ହୋଇ ନ ଥିବାରୁ ଉପସ୍ଥିତ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଥିଲେ। ତେବେ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିବା ବେଳେ ସାଧାରଣ ନିର୍ବାଚନ ପୂର୍ବରୁ ୫-ଟି ସଚିବ ଭି.କେ. ପାଣ୍ଡିଆନ କଣ୍ଟିଲୋ ନିର୍ବାଚନ ଗସ୍ତରେ ଆସି ଆୟୋଜିତ ଏକ ସମାବେଶରେ ବିକାଶ ପ୍ରକଳ୍ପ ପାଇଁ ୩୦ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର ହୋଇଥିବା ସୂଚନା ଦେଇଥିଲେ; ଯାହା କି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷକରି ବିକାଶ ପ୍ରକଳ୍ପରେ ସାମିଲ ହୋଇଥିବା ଶ୍ରୀନୀଳମାଧବ ଜୀଉଙ୍କ ଚନ୍ଦନ ପୋଖରୀର ସମ୍ପୂର୍ଣ୍ଣ ପଙ୍କ ଉଦ୍ଧାର କରା ନ ଯାଇ ତରବରିଆ ଭାବେ ପାଣି ଭର୍ତ୍ତି କରିବା ଯୋଗୁ ୩ ମାସ ମଧ୍ୟରେ ପୋଖରୀରେ ଦଳ ପୂର୍ଣ୍ଣ ହୋଇ ପୂତିଗନ୍ଧମୟ ପରିବେଶ ସୃଷ୍ଟି କରିଛି। ଏହାଛଡା ଠାକୁରଙ୍କ ଦୟଣାଚୋରି ବଗିଚା ମଧ୍ୟରେ ଥିବା ଏକ ପୋଖରୀର ଆୟତନକୁ ସଂକୁଚିତ କରାଯାଇ କାର୍ଯ୍ୟ ତରବରିଆ ଭାବେ କରିଥିବାରୁ ସମ୍ପ୍ରତି ପୋଖରୀର ଚତୁଃପାର୍ଶ୍ୱରେ ଥିବା ରାସ୍ତା ଦବି ଯାଉଛି। ଯାହାକି ଏବେ ସିମେଣ୍ଟ କଂକ୍ରିଟ କାର୍ଯ୍ୟକୁ ଖୋଳା ଯାଇ ଇଟା ପକାଯାଉଥିବା ପରିଲକ୍ଷିତ ହେଉଛି। ଏହାଛଡ଼ା କଣ୍ଟିଲୋକୁ ଏନ୍‌ଏସିର ମାନ୍ୟତା ମିଳିଥିବା ବିଜେଡି ସରକାର ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ଉଠିଥିଲା। ପୁନଶ୍ଚ କଣ୍ଟିଲୋରେ ଏକ ୨୪ ଘଣ୍ଟିଆ ନୂତନ ଡାକ୍ତରଖାନା ନିର୍ମାଣ ପାଇ ଅର୍ଥ ମଞ୍ଜୁର ହେବାର ୨ବର୍ଷ ଅତିବାହିତ ହୋଇଯାଇଥିବାରୁ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଉଭୟ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ଏସବୁ ସମସ୍ୟାର ସମାଧାନ ନିମନ୍ତେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ବିଧାୟକମାନେ ଉପସ୍ଥିତ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବା ସହ ଆଗାମୀ ବିଧାନସଭା ବୈଠକରେ ଗୃହର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବିଧାୟକ ସ୍ୱାଇଁ ଓ ବିଧାୟକ ଜଗଦ୍ଦେବ କହିଥିଲେ।

